بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ   وَعَلٰی عَبْدِہِ الْمَسِیْحِ الْمَوْعُوْدِ

وَلَقَدْ نَصَرَکُمُ اللّٰہُ بِبَدْرٍ وَّاَنْتُمْ اَذِلَّۃٌ

ଖଣ୍ଡ: ୫

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 27

ବାର୍ଷିକ ଦେୟ : ୬୦୦/-

www.badrqadian.in

17 ଜୁଲ ହଜ୍ଜା 1444 ହି.କ, 6 ୱଫା 1402 ହି.ଶ 06July 2023 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَلَا تَمۡشِ فِی الۡاَرۡضِ مَرَحًا ۚ اِنَّکَ لَنۡ تَخۡرِقَ الۡاَرۡضَ وَلَنۡ تَبۡلُغَ الۡجِبَالَ طُوۡلًا

(ବନି ଇସ୍ରାଇଲ୍-38)

ଏବଂ ପୃଥିବୀ ପୃଷ୍ଠରେ ଉଦ୍ଧତ ଭାବରେ ଚାଲ ନାହିଁ । କାରଣ ତୁମ୍ଭେ ଏପରି ଭାବରେ ଦେଶର ଶେଷ ସୀମାରେ ପହଞ୍ଚି ପାରିବ ନାହିଁ କି ନେତୃତ୍ୱର ଶିଖର ଦେଶରେ ପହଞ୍ଚି ପାରିବ ନାହିଁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟାବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### ଆଁହଜରତ ସ.ଅ ରଣରୁ ବର୍ତ୍ତିବା ନିମନ୍ତେ ଦୁଆ କରୁଥିଲେ

(2397) ହ. ଆଏଶା[ର.ଅ] ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍[ସ.ଅ] ନମାଜରେ ଦୁଆ କରୁଥିଲେ ଏବଂ କହୁଥିଲେ: ହେ ମୋର ଅଲ୍ଲାଃ ! ମୁଁ ପାପରୁ ଓ ରଣଗ୍ରସ୍ତ ହେବାରୁ ତୁମ୍ଭର ଶରଣ ଭିକ୍ଷା କେରୁଛି । କୌଣସି ଏକ କଥା କୁହାଳୀ ବ୍ୟକ୍ତି ଆପଣ[ସ.ଅ]ଙ୍କୁ କହିଲା, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ[ସ.ଅ] ରଣଗ୍ରସ୍ତ ହେବାରୁ ଅଧିକ ଶରଣ ଭିକ୍ଷା କାହିଁକି କରୁଛନ୍ତି । ଆପଣ[ସ.ଅ] କହିଲେ: ବ୍ୟକ୍ତି ଯେତେବେଳେ ରଣଗ୍ରସ୍ତ ହୁଏ ଓ ଯେତେବେଳେ ସେ କଥାବାର୍ତ୍ତା କରେ ସେତେବେଳେ ମିଥ୍ୟା କଥା କହିଥାଏ, ଯେତେବେଳେ ସେ କୌଣସି ପ୍ରତିଶୃତି ବା ପ୍ରତିଜ୍ଞା କରେ ସେତେବେଳେ ବିରୁଦ୍ଧାଚରଣ କରିଥାଏ ।

ଆଁହଜରତ ସ.ଅ ଏହି ଦୁଆ କରୁଥିଲେ:

اَللّٰھُمَّ اِنِّیْ اَعُوْذُبِکَ مِنَ الْھَمِّ وَالْحُزْنِ وَاَعُوْذُبِکَ مِنَ الْعَجْزِ وَالْکَسَلِ وَاَعُوْذُبِکَ مِنَ الْجُبْنِ وَالْبُخْلِ وَاَعُوْذُبِکَ مِنَ الْفَقْرِ وَالْقِلَّۃِ وَاَعُوْذُبِکَ مِنْ غَلَبَۃِ الدَّیْنِ وَقَھْرِ الرِّجَالِ (سنن ابی داؤد، کتاب الصلاۃ، باب فی الاستعاذۃ)

(ଅନୁବାଦ)ଅର୍ଥାତ ହେ ଅଲ୍ଲାଃ ! ମୁଁ ତୁମର ଶରଣ ଭିକ୍ଷା କରୁଛି କଠିନ ସମୟ ଚିନ୍ତାରୁ ଏବଂ ଦୁଃଖରୁ ଓ ତୁମର ଆଶ୍ରୟ ଭିକ୍ଷା କରୁଛି ନିର୍ବଳ୍ୟ ହେବାରୁ, ଅଳସୁଆମୀରୁ (ଅର୍ଥାତ ଜିନିଷ ଥାଉ ଥାଉ ତାହାକୁ ଉପଯୋଗ ନକରାଯାଏ) ଏବଂ ତୁମର ଆଶ୍ରୟ ଭିକ୍ଷା କରୁଛି ଭୀରୁତାରୁ, କାର୍ପଣ୍ୟତାରୁ, ତୁମର ଶରଣ ଭିକ୍ଷା କରୁଛି ଅଭାବି ତଥା ଦାରିଦ୍ର୍ୟତାରୁ, ସେହିପରି ମୁଁ ଶରଣ ଭିକ୍ଷା କରୁଛି ରଣଗ୍ରସ୍ତ ବୋଝରୁ ଓ ଲୋକମାନଙ୍କର ଚାପଗ୍ରସ୍ତ ହେବାରୁ ।

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ

**ଯେଉଁ ଧର୍ମାବତାରମାନେ ଧରାପୃଷ୍ଠରେ ଜନ୍ମ ଗ୍ରହଣ କରନ୍ତି ସେମାନଙ୍କ ଠାରେ ଈଶ୍ୱରଙ୍କ ସୃଷ୍ଟି ନିମନ୍ତେ ସମବେଦନା, ସହାନୁଭୂତି ଏବଂ ମାନବ ଜାତି ଓ ଅନ୍ୟ ପ୍ରତି ଯେଉଁ ହିତୈଷୀ ନିମନ୍ତେ ଏକ ହୃଦୟଦ୍ରାବୀ ଭାବ ରହିଥାଏ ।**

**ପବିତ୍ର କୁରଆନ୍ କରୀମରୁ ଜ୍ଞାତ ହୁଏ ଯେ, ଆଁହଜରତ ସ.ଅଙ୍କ ହୃଦୟରେ ମାନବ ଜାତି ପ୍ରତି ସମବେଦନା ଓ ସହାନୁଭୂତିମୂଳକ ହୃଦୟଦ୍ରାବୀ ଭାବଧାରା ରହିଥିଲା ।**

**ନବୀଙ୍କ ମମତ୍ୱମୂଳକ ଦୟାଳୁତା :**

ପବିତ୍ର କୁରଆନରୁ ଏହା ଜ୍ଞାତ ହୁଏ ଯେ, ଆପଣ[ସ.ଅ] ମାନବ ଜାତି ନିମନ୍ତେ କେତେ ବ୍ୟାକୁଳିତ ଥିଲେ ଏବଂ ସମବେଦନା ଆପଣ[ସ.ଅ]ଙ୍କ ହୃଦୟରେ କିପରି ପୂରି ରହିଥିଲା ? ସୁରତାଂ ଅଲ୍ଲାଃତାଲା ଏସଂକ୍ରାନ୍ତରେ ପବିତ୍ର କୁରଆନରେ କହିଲେ, لَعَلَّکَ بَاخِعٌ نَّفۡسَکَ اَلَّا یَکُوۡنُوۡا مُؤۡمِنِیۡنَ **(ଅଶ୍ଶୋରା:4)**ଅର୍ଥାତ ହେ ମୁହମ୍ମଦ[ସ.ଅ] ! ସେମାନେ ବିଶ୍ୱାସ କାହିଁକି ଆଣୁ ନାହାନ୍ତି ବା କରୁ ନାହାନ୍ତି ସେଥିପାଇଁ ସମ୍ଭବତଃ ତୁମେ ନିଜ ଜୀବନକୁ ବିନାଶମୁଖୀ କରାଇବ । ଏକଥା ନିରାଟ ସତ୍ୟ ଯେ, ପ୍ରତ୍ୟେକ ନବୀ କେବଳ ବାକ୍ୟ ବଚନ ଧରି ଅବତୀର୍ଣ୍ଣ ହୋଇ ନାହାନ୍ତି, ବରଂ ନିଜ ମଧ୍ୟରେ ସେମାନେ ଅନ୍ୟମାନଙ୍କ ପ୍ରତି ସମବେଦନା ଓ ସହାନୁଭୂତି ମଧ୍ୟ ରଖନ୍ତି । ନବୀ ମଧ୍ୟରେ ଥିବା ଏହି ସମବେଦନା ଓ ସହାନୁଭୂତି ତା' ନିଜ ପାଇଁ ହୋଇ ନଥାଏ ବରଂ ତାହା ନିଜ ଜାତିର ସଂଶୋଧନ ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ । ଏହି ବ୍ୟାକୁଳତା କୃତ୍ରିମତା କିମ୍ବା ଲୋକ ଦେଖାଣିଆ ଯୋଗୁଁ ନୁହେଁ, ବରଂ ସ୍ୱଭାବିକ ରୂପେ ବ୍ୟାକୁଳତା ତା' ଦ୍ୱାରା ସମ୍ପାଦିତ ହୋଇଥାଏ । ଯେପରିକି ଜଣେ ମା ନିଜ ସନ୍ତାନର ଲାଳନ କରିବାରେ ନିମଜ୍ଜି ଥାଏ । ସମ୍ରାଟ ପକ୍ଷରୁ ଯଦି ତା'କୁ ଆଦେଶ ବି ଦିଆଯାଏ ଯେ, ସେ ନିଜ ସନ୍ତାନକୁ କ୍ଷୀର ନ ଦେଉ ଓ ଏପରି କରିବା ଦ୍ୱାରା ଗୋଟିଏ ଦୁଇଟି ଛୁଆ ମୃତ୍ୟୁବରଣ କରନ୍ତି ତେବେ ମଧ୍ୟ ଉକ୍ତ ମାକୁ କ୍ଷମା କରିଦିଆଯିବ ଏବଂ ତା'କୁ ଏ ସନ୍ଦର୍ଭରେ କୌଣସି ପ୍ରଶ୍ନ ମଧ୍ୟ କରାଯିବ ନାହିଁ । ଅତଏବ ସମ୍ରାଟର ଏହି ଆଦେଶକୁ ଶୁଣିବା ପରେ କୌଣସି ମା ପ୍ରସନ୍ନ ହୋଇ ପାରିବ କି ? କଦାପି ନୁହଁ । ବରଂ ସମ୍ରାଟକୁ ଗାଳି ଗୁଲଚ କରିବ । ମା କେବେ ବି ନିଜ ସନ୍ତାନକୁ ସ୍ତନ୍ୟପାନ କରିଇବାରୁ ଅଟକି ଯାଇ ପାରିବ ନାହିଁ । ଉକ୍ତ ମହିଳାର ସ୍ୱଭାବରେ କଥାଟି ସ୍ୱତଃ ପ୍ରବୃତ୍ତ ରୂପେ ବିଦ୍ୟମାନ ରହିଛି ଯେ, ସେ ନିଜ ସନ୍ତାନକୁ ଅବଶ୍ୟ ସ୍ତନ୍ୟପାନ କରାଇବ । ସ୍ତନ୍ୟପାନ କରାଇବାରେ ତା'କୁ କେବେ ବି ସ୍ୱର୍ଗରେ ଯିବା ଅବା ସ୍ତନ୍ୟପାନ କରାଇବାର ପାଉଣା ପ୍ରାପ୍ତିର ଧ୍ୟାନ ନଥାଏ ଏବଂ ଏହି ଉତ୍ସାହଟି ସ୍ୱଭାବଗତ ଅଟେ ଯାହାକି ଉକ୍ତ ମହିଳା ବା ମାତାକୁ ସ୍ୱଭାବ ପ୍ରଦାନ କରିଛି। ଅନ୍ୟଥା ଯଦି ଏକଥା ନଥାଆନ୍ତା ତେବେ ଜୀବଜନ୍ତୁ ପକ୍ଷେ ଏହା ଉଚିତ ହୋଇଥାଆନ୍ତା ଯେ, ଜୀବଜନ୍ତୁର ମାଆମାନେ ଉଦାହରଣ ସ୍ୱରୂପ ଛେଳୀ,

ମେଣ୍ଢା, ମଇଁଷି, ଗାଈ ଗୋରୁ ଆଦି ଜୀବ କିମ୍ବା ପକ୍ଷୀମାନଙ୍କର ମାଆମାନେ ନିଜ ସନ୍ତାନମାନଙ୍କର ଲାଳନ ପାଳନ ଦାୟିତ୍ୱରୁ ଓହରି ଯାଇଥାଆନ୍ତେ । ଏକ ସ୍ୱଭାବ ହୋଇଥାଏ, ଏକ ବୁଦ୍ଧି ହୋଇଥାଏ ଓ ଏକ ଉତ୍ସାହ ହୋଇଥାଏ । ମାଆମାନଙ୍କର ନିଜ ସନ୍ତାନମାନଙ୍କର ଲାଳନ ପାଳନ କାର୍ଯ୍ୟରେ ନିମଜ୍ଜିତ ରହିବା ସ୍ୱାଭାବିକ ଅଟେ । ଠିକ୍ ସେହିପରି ମାମୁରିନ୍ (ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ) ଅବତାରମାନେ ଯେଉଁମାନେ ଏହି ସଂସାରକୁ ଆସନ୍ତି ସେମାନଙ୍କ ସ୍ୱଭାବରେ ମଧ୍ୟ ଏକ କଥା ହୋଇଥାଏ । ତାହା କ'ଣ ? ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ (ଅର୍ଥାତ ମାନବଜାତି) ପ୍ରତି ସମବେଦନା ଓ ସହାନୁଭୂତି ଓ ସେମାନଙ୍କର ହିତ ସାଧନ କରିବା ନିମନ୍ତେ ମନ ଭିତରେ ଏକ ହୃଦୟଦ୍ରାବୀ ଭାବ ରହିଥାଏ । ସେମାନେ ସ୍ୱାଭାବିକ ରୂପେ ଏହା ଚାହାନ୍ତି ଯେ, ଲୋକମାନେ ମାର୍ଗଦର୍ଶନ ପାଇ ଯାଆନ୍ତୁ ଓ ପ୍ରଭୁଙ୍କ ଠାରୁ ହିଁ ଜୀବନ ପ୍ରାପ୍ତ କରନ୍ତୁ ।

(ମଲଫୁଜାତ୍, ଭାଗ-1, ପୃ-463, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)

**ଅହଂକାରୀ ବ୍ୟକ୍ତି ଏହା ଭାବିବାକୁ ଲାଗି ଯାଇଥାଏ ଯେ, ମୁଁ ଶୀର୍ଷ ଶିଖରରେ ଉପନୀତ ହୋଇଯାଇଛି ବା ଶିଖରରେ ପହଞ୍ଚି ଯାଇଛି ଏବଂ ଏହିପରି ଭାବରେ ସେ ଅତିରିକ୍ତ ଉନ୍ନତି ତଥା ସଫଳତାରୁ ମଧ୍ୟ ବଞ୍ଚିତ ହୋଇଯାଇଥାଏ ।**

**ଅତଃ ତୁମ ଠାରେ ଯଦି ସାଂସାରିକତାର କୌଣସି ବିଶେଷ ଗୁଣଗୁଡ଼ିକ ରହିଛି ତେବେ ତୁମେ ଅହଂକାର ପ୍ରଦର୍ଶନ କର ନାହିଁ । ବରଂ ଏହି ବିଶେଷ ଗୁଣ ଯୋଗୁଁ ଜାତି ଉପକୃତ ହୋଇଥାଏ । ଅର୍ଥାତ ତୁମେ ଜାତିର ଅଧିପତି ହୋଇଯିବ ଓ ତୁମ ମଧ୍ୟରେ ଯଦି ଧାର୍ମିକତାର କୌଣସି ବିଶିଷ୍ଟ ଗୁଣମାନ ରହିଛି ତେବେ ସେପରିପ୍ରେକ୍ଷୀରେ ତୁମେ ଈଶ୍ୱରଙ୍କ ଦୃଷ୍ଟିରେ ପ୍ରିୟପାତ୍ର ହୋଇଯିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାହ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 38 وَلَا تَمْشِ فِي الْأَرْضِ مَرَحًا ۖ إِنَّكَ لَن تَخْرِقَ الْأَرْضَ وَلَن تَبْلُغَ الْجِبَالَ طُولًا ର ବ୍ୟାଖ୍ୟା କରି କୁହନ୍ତି, ଅଲ୍ଲାଃତାଲା ସର୍ବପ୍ରଥମେ ସେହି ଚରିତ୍ରର ଚର୍ଚ୍ଚା କରିଥିଲେ ଯାହାର ସଂପର୍କ ଅଲ୍ଲାଃତାଲାଙ୍କ ସହିତ କିମ୍ବା ଅନ୍ୟ ମନୁଷ୍ୟମାନଙ୍କ ସହିତ ରହିଛି । ବର୍ତ୍ତମାନ ସେହି ଚରିତ୍ର ସଂକ୍ରାନ୍ତରେ ବର୍ଣ୍ଣନା କରନ୍ତି ଯାହା ପ୍ରଭୁଙ୍କ ଅସ୍ତିତ୍ୱ ସଂପର୍କିତ ଅଟେ । ସୁତରାଂ ଅଲ୍ଲାଃତାଲା କୁହନ୍ତି ଯଦି ତୁମ ମଧ୍ୟରେ କୌଣସି ବିଶିଷ୍ଟ ଗୁଣାବଳୀ ରହିଛି ତେବେ ସେପରିପ୍ରେକ୍ଷୀରେ ତୁମେମାନେ ତାହାକୁ ଗର୍ବ ଓ ଅହଂକାରର ମାଧ୍ୟମ କରିନିଅ ନାହିଁ । କାରଣ ଏପରି କଲେ ତୁମେ ପୁଣ୍ୟରୁ ବଞ୍ଚିତ ହୋଇଯିବ ଓ ଆଗାମୀ ଉନ୍ନତି ଆଡ଼କୁ ତୁମର ପାଦ ଅଗ୍ରସର ହୋଇପାରିବ ନାହିଁ । କାରଣ ଯେଉଁ ବ୍ୟକ୍ତି ଅହଂକାରୀ ହୋଇଯାଏ ସିଏ ନିଜକୁ ଏହା ଭବେ ଯେ, ମୁଁ ସର୍ବୋଚ୍ଚ ଶିଖରରେ ଉପନୀତ ବା ପହଞ୍ଚି ଯାଇଛି ଏବଂ ଏହିପରି ଭାବରେ ସେ ଅତିରିକ୍ତ ଉନ୍ନତିରୁ ବଞ୍ଚିତ ହୋଇଯାଇଥାଏ ।

**ଦ୍ୱିତୀୟତଃ** ତହିଁରେ ଏହି ଇଙ୍ଗିତ ମଧ୍ୟ ରହିଛି ଯେ, ହେ ମନୁଷ୍ୟ ତୋର ସଫଳତା ଏକ ମନୁଷ୍ୟକୃତ ସଫଳତା ଅଟେ । ଅତଃ ସେତିକି ପ୍ରସନ୍ନ ହୋ ଯେତିକି ମନୁଷ୍ୟ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏହା ସ୍ମରଣ ରଖ ! ପୃଥିବୀ ପୃଷ୍ଠରେ ଉଦ୍ଧତ ଭାବରେ ଚାଲ ନାହିଁ କାରଣ ତୁମ୍ଭେ ନିଜର ସମସ୍ତ ଗୁଣାବଳୀ ରହିବା ସତ୍ତ୍ୱେ ମଧ୍ୟ ଭୂପୃଷ୍ଠକୁ ଫାଡ଼ି ପାରିବ ନାହିଁ । ଅର୍ଥାତ ଦେଶରେ ଶେଷ ସୀମାରେ ପହଞ୍ଚି ପାରିବ ନାହିଁ । ଆରବିକ ପ୍ରବାଦ ରହିଛି ଯେ, خَرَقَ الْمَفَازَةَ ଅର୍ଥାତ ସୁରକ୍ଷିତ ଭାବରେ ଜଙ୍ଗଲ ଅତିକ୍ରମ କରି ବାହାରିଯିବାକୁ ବୁଝାଏ । ଅତଃ ଏଠାରେ ଏହି ଅର୍ଥ ହିଁ ଉଚିତ ବୋଲି ମନେ ହେଉଛି, ତହିଁରୁ ଏହା ହିଁ ଯଥାର୍ଥ ଯେ, ହେ ମନୁଷ୍ୟ ! ତୁ ଏହି ସଂସାରେ ହିଁ ରହିବୁ ତୋର ସମସ୍ତ ଉନ୍ନତି ସୀମିତ ଅଟେ । ଅତଏବ ନିଜକୁ ଏପରି ଗଢି ନେ ନା ଯେ, ଅନ୍ୟ ମନୁଷ୍ୟମାନଙ୍କ ଅପେକ୍ଷା ତୋର ଚଳିବା କଷ୍ଟକର ହୋଇଯିବ । ଯେଉଁ ଲୋକମାନଙ୍କୁ ଅହଂକାରୀ ବ୍ୟକ୍ତିମାନଙ୍କୁ ଦେଖିବାକୁ ସୁଯୋଗ ପ୍ରାପ୍ତ ହୋଇଛି ସେମାନେ ଜାଣନ୍ତି ଯେ, ଅହଂକାରୀ ବ୍ୟକ୍ତିର ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇପଡ଼େ ଓ ଅତ୍ୟନ୍ତ କଷ୍ଟରେ ସେ ନିଜର ଜୀବନ ଯାପନ କରେ । ଅନ୍ୟ ପଟରେ ସେ ନିଜ ମାତୃଭୂମି ସହିତ ମିଳିମିଶି ରହିବାକୁ ପଡ଼ିଥାଏ । ସୁତରାଂ ଅତ୍ୟନ୍ତ ପ୍ରତିକୂଳ ଭାବନାରେ ତା'ର ଜୀବନ ଅତିବାହିତ ହୋଇଥାଏ । ଆଜିକାଲି ଇଂରାଜୀ ପଢୁଆ ବର୍ଗ ଯେଉଁମାନେ ନିଜକୁ ଅନ୍ୟ ଭାରତୀୟମାନଙ୍କ ଠାରୁ ଶ୍ରେଷ୍ଠ ଓ ଉଚ୍ଚ ଶିକ୍ଷିତ ବୋଲି ମନେକରନ୍ତି ଏବଂ ଇଉରୋପୀୟମାନେ କିନ୍ତୁ ଏହି ଉଚ୍ଚ ଶିକ୍ଷିତ ଗୋଷ୍ଠୀଙ୍କୁ ଭଲ ପାଆନ୍ତି ନାହିଁ। ସେମାନେ ଏହି ଅହଂ ଭାବନାମୂଳକ ରୋଗରେ ପ୍ରପୀଡ଼ିତ ଅଟନ୍ତି । ଯେଁଉ ଭାରତୀୟମାନେ ଉଚ୍ଚ ଶିକ୍ଷିତମାନଙ୍କର ଆପଣାର ଅଟନ୍ତି ସେମାନଙ୍କୁ ଉଚ୍ଚ ଶିକ୍ଷିତ ଗୋଷ୍ଠୀ ଭଲ ପାଉ ନାହାନ୍ତି ବରଂ ହୀନ ବୋଲି ମନେ କରନ୍ତି ଏବଂ ଏହି ଉଚ୍ଚ ଶିକ୍ଷିତ ବର୍ଗର ଲୋକମାନେ ନ୍ୟୁନ ତଥା ନିମ୍ନ ଶିକ୍ଷିତ ଲୋକମାନଙ୍କ ସମାଜରେ ତଥା ସେମାନଙ୍କ ଗହଣରେ ରହିବାକୁ ପସନ୍ଦ କରନ୍ତି ନାହିଁ । ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ହୀନ ବୋଲି ମନେକରନ୍ତି । ଅତଃ ଅଲ୍ଲାଃତାଲା କହିଲେ ହେ ମାନବ ! ତୁ ପରା ନିଜ ଲୋକଙ୍କ ଗହଣରେ ରହିବୁ । ତେଣୁ ତୁ ନିଜ ମନର ଅବସ୍ଥାକୁ ଏପରି କର ନାହିଁ ଯଦ୍ୱାରାକି ତୋର ଜୀବନ ତୋ ପାଇଁ କାଷ୍ଟଦାୟକ ହୋଇଯିବ ।

وَلَن تَبْلُغَ الْجِبَالَ طُولًا ଜବଲ୍‌ର ଅର୍ଥ ପର୍ବତ ମଧ୍ୟ ହୋଇଥାଏ ଓ **ସୟେଦୁଲ୍ କୌମ୍ ଓ ସୟେଦୁଲ୍ ଆଲିମ୍** । ଅର୍ଥାତ ସୟେଦୁଲ୍ କୌମର ଅର୍ଥ ଜାତିର ଅଧିପତି ଓ ସୟେଦୁଲ୍ ଆଲିମର ଅର୍ଥ ଜାତିର ବିଦ୍ୱାନ୍ । ଏଠାରେ ଜିବାଲ୍‌ରୁ ଯଥାର୍ଥ ଅନ୍ୟ ଅର୍ଥ ଅଟେ । ଅର୍ଥାତ ଜାତିର ଅଧିପତି ଓ ଜାତିର ବିଦ୍ୱାନ୍ । ତେଣୁ ଅଲ୍ଲାଃତାଲା କହିଲେ, ଜାତିର ଅଧିପତି ଓ ଜାତିର ବିଦ୍ୱାନ୍ ସହିତ କଦାପି ସମକକ୍ଷ ହୋଇ ପାରିବ ନାହିଁ । ତହିଁରେ ଏହି ଇଙ୍ଗିତ ରହିଛି ଯେ, ଜାତିରେ ମର୍ଯ୍ୟାଦା ସେବା ଦ୍ୱାରା ପ୍ରାପ୍ତ ହୋଇଥାଏ କିମ୍ବା ଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାଏ । ଏହି ଦୁଇ ପ୍ରକାରର ଲୋକମାନେ ବିନୀତତାର ଆଦର୍ଶ ଅଟନ୍ତି । ଯେପରିକି ଆରବୀୟ ଆପ୍ତ ବାକ୍ୟ ରହିଛି ଯେ, سَيِّدُ الْقَوْمِ خَادِمُهُمْ ଅର୍ଥାତ ଜାତିର ଅଧିପତି ହିଁ ଜାତିର ସେବକ ଅଟେ । ସେହିପରି ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି, إِنَّمَا يَخْشَى اللَّهَ مِنْ عِبَادِهِ الْعُلَمَاءُ **(ଅଲ୍ ଫାତିର୍ -29)** ଅର୍ଥାତ ବାସ୍ତବତା ଏହିପରି ଯେ, ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଜ୍ଞାନୀଗୁଣୀ କେବଳ ସେହିମାନେ ହିଁ ତାହାଙ୍କୁ (ଅଲ୍ଲାଃତାଲାଙ୍କୁ) ଭୟ କରିଥାନ୍ତି । ଅର୍ଥାତ ମନୁଷ୍ୟ ଯେଉଁଭଳି ଭାବରେ ଜ୍ଞାନରେ ଉନ୍ନତି କରେ ସେହିପରି ଭାବରେ ପ୍ରଭୁଙ୍କ ପ୍ରତି ଥିବା ତା'ର ଭୟ ମଧ୍ୟ ତା' ହୃଦୟରେ ବୃଦ୍ଧି ପାଇଥାଏ । ଅତଏବ ଉକ୍ତ ବାକ୍ୟରେ ଏହି କଥା ଅଲ୍ଲାଃତାଲା କହିଛନ୍ତି ଯେ, ଅହଂକାର କରି ତୁ ଜାତିର ଅଧିପତି ହୋଇ ପାରିବୁ ନାହିଁ କି ଜାତିର ବିଦ୍ୱାନ ଗୋଷ୍ଠୀଙ୍କ ମଧ୍ୟରେ ନିଜକୁ ଅନ୍ତର୍ଭୁକ୍ତ କରାଇ ପାରିବୁ । କାରଣ ଗର୍ବ ଓ ଅହଂକାର ତୋତେ ତୋ ଜାତି ଠାରୁ ଦୂରେଇ ଦେଇଥାଏ ଏବଂ ଏହିପରି ଭାବରେ ତୁ ଈଶ୍ୱର ଠାରୁ ମଧ୍ୟ ଦୂରେଇ ଯାଇଥାଉ ନିଜର ଅହଂକାର ଯୋଗୁଁ । ସୁତରାଂ ଯଦି ଆତ୍ମ ବଡ଼ିମା, ଆତ୍ମ ସର୍ବସ୍ୱ ଓ ଅହଂ ଭାବନାର ଅଭିଳାଷୀ ତେବେ ତୁମ ମଧ୍ୟ ଅହଂକାର ଦ୍ୱାରା ନିଜର କ୍ଷତି ଘଟାଇଥାଉ । କାରଣ ଏହି କାର୍ଯ୍ୟ ଦ୍ୱାରା ତୁ ନିଜକୁ ନିଜେ ସେହି ବସ୍ତୁରୁ ବଞ୍ଚିତ କରିଦେଇଥାଉ , ଯେଉଁ ବସ୍ତୁର ତୋ ହୃଦୟ ଅଭିଳାଷୀ ଅଟେ । ତେଣୁ ତୋ ମଧ୍ୟରେ ଯଦି କୌଣସି ସାଂସାରିକ ବିଶେଷ ଗୁଣାବଳୀ ରହିଛି ତେବେ ସେପରିପ୍ରେକ୍ଷୀରେ ତୁ ଗର୍ବ କର ନାହିଁ । କିନ୍ତୁ ଏହି ବିଶିଷ୍ଟ ଗୁଣାବଳୀ ମାଧ୍ୟମରେ ଜାତିକୁ ଯଦି ଲାଭ ମିଳେ ତେବେ ତୁ ଜାତିର ଅଧିପତି ହୋଇଯିବୁ ଏବଂ ଯଦି ଏହି ବିଶିଷ୍ଟ ଗୁଣାବଳୀ ମାଧ୍ୟମରେ ତୁ ଯଦି ନିଜ ଜାତିର ଉପକାର ସାଧନ କରୁ ତେବେ ତୁ ଈଶ୍ୱରଙ୍କ ଦୃଷ୍ଟିରେ ପ୍ରିୟପାତ୍ର ହୋଇଯିବୁ ।

ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଏଠାରେ ଗର୍ବ ଓ ଅହଂକାର କରିବାକୁ ମନୁଷ୍ୟକୁ ଅଲ୍ଲାଃତାଲା ଅଟକାଇଛନ୍ତି । ଏହାର ଦୃଷ୍ଟାନ୍ତ କୌଣସି ଧର୍ମପୁସ୍ତକ ଏହି ସଂସାରରେ ଉପସ୍ଥାପିତ କରିପାରିବ ନାହିଁ ।

**(ତଫ୍‌ସିର୍ କବିର୍ ଗ୍ରନ୍ଥ ଖଣ୍ଡ-4, ପୃ-335, ପ୍ରକାଶନ ବର୍ଷ-2010 ମସିହା, କାଦିଆନ୍)**

# (ଖୁତ୍‌ବା ଜୁମା)

"ଅଲ୍ଲାଃହୁ ଅକବର (ଅର୍ଥାତ ଅଲ୍ଲାଃତାଲା ହିଁ ସର୍ବଶ୍ରେଷ୍ଠ) ସେହି ଦୁହେଁ (ଅବୁ ବକର ର.ଅ ଓ ଉମର୍ ର.ଅ) ସତ୍ୟତା ତଥା ନିଷ୍ଠାର କେତେ ମର୍ଯ୍ୟାଦା ରହିଥିଲା ।
ସେହି ଦୁହିଁଙ୍କୁ ଏହିଭଳି କବରରେ କବର ଦିଆଯାଇଥିଲା ଯେ, ଯଦି ମୁସା ଓ ଇସା ଅ.ସ ଜୀବିତ ଥାଆନ୍ତେ ତେବେ ମଧ୍ୟ ଗର୍ବିତ ହୋଇ ସେଠାରେ ସମାଧି ଲୀନ ହେବା ନିମନ୍ତେ ଆକାଂକ୍ଷା ଓ ଅଭିଳାଷା ପ୍ରକାଶ କରିଥାଆନ୍ତ ।"

"ପ୍ରଥମ ଖଲିଫାଙ୍କ ସ୍ମରଣ ମୁସଲମାନମାନଙ୍କ ମଧ୍ୟରେ ସର୍ବଦା ଏହିଭଳି ଜଣେ ବ୍ୟକ୍ତି ରୂପେ ବସି ଯାଇଥିଲା ଯେ, ଆପଣ ର.ଅ ଚିରକାଳ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହି ଯାଇଥିଲେ ।
ଆପଣ ର.ଅ ସଂପୂର୍ଣ୍ଣ ବିଶ୍ୱସ୍ତତା, ଦାନଶୀଳତା ଓ କୃପାର ପ୍ରତିମୂର୍ତ୍ତି ଥିଲେ । କୌଣସି ଝଡ଼ ଅବା ମହାବାତ୍ୟା ମଧ୍ୟ ତାଙ୍କର ନିୟମିତ ସହନଶୀଳତାମୂଳକ ସ୍ୱଭାବକୁ ଦୋହୋଲାଇ ପାରି ନଥିଲା ।"(ଜେ. ଜେ ସ୍ୟାଣ୍ଡର୍ଜ)

"ଆଁହଜରତ ସ.ଅଙ୍କର ଯେତେବେଳେ ଅକାଳ ବିୟୋଗ ହେଲା ସେତେବେଳେ ହ. ଅବୁ ବକର ର.ଅ ହିଁ ଆପଣ ସ.ଅଙ୍କର ଖଲିଫା ଓ ଉତ୍ତରାଧିକାରୀ ହୋଇଥିଲେ ଏବଂ ପର୍ବତକୁ ଦୋହୋଲାଇ ଦେଉଥିବା ବିଶ୍ୱାର ସହିତ ଆପଣ ର.ଅ ଅତ୍ୟନ୍ତ ସରଳତା, ବୌଦ୍ଧିକତା ଏବଂ ଚାତୁର୍ଯ୍ୟତାର ସହିତ ତିନି ହଜାର ଅବା ଚାରି ହଜାର ବିଶିଷ୍ଟ ଛୋଟ ଛୋଟ ସୈନ୍ୟ ବାହିନୀ ସମେତ ସମଗ୍ର ସଂସାରକୁ ଅଲ୍ଲାଃତାଲାଙ୍କ ଆଦେଶାଧୀନ ଆଣିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିଥିଲେ ।"

ସେ ପଛେ ହ. ଉମର୍ ର.ଅ ହୁଅନ୍ତୁ ଅବା ହ. ଅବୁ ବକର ର.ଅ ଏମାନେ ସମସ୍ତେ ନିଜର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ବିଶ୍ୱସ୍ତତାର ପୂର୍ଣ୍ଣ ଆଜ୍ଞାକାରୀ ଓ ପ୍ରେମିକ ଥିଲେ ।

ହ. ଅବୁ ବକର ର.ଅ ମଧ୍ୟ ସମ୍ରାଟ ହେଲେ, କିନ୍ତୁ ତାଙ୍କ ଠାରେ ବିନୀତତା ଓ ବିନମ୍ରତା ଥିଲା । ଆପଣ ର.ଅ କହୁଥିଲେ ମୋତେ ଈଶ୍ୱର ଲୋକମାନଙ୍କର ସେବା କରିବା ନିମନ୍ତେ ନିଯୁକ୍ତ କରିଥିଲେ ଏବଂ ମାନବ ସେବା କରିବା ନିମନ୍ତେ ମୋତେ ଯେତେ ସମୟ ମିଳିଯିବ ତାହା ମୋ ପ୍ରଭୁଙ୍କର ମୋ ଉପରେ ମହୋପକାର ହେବ ।

"ସେ ମୁହମ୍ମଦ ସ.ଅଙ୍କ ଦ୍ୱାରର ସେବକ ହୋଇଗଲେ । ତେବେ ତାହାଙ୍କର ପ୍ରତ୍ୟେକ ବସ୍ତୁ ଆମମାନଙ୍କୁ ଭଲ ଲାଗିଲା ଏବଂ ବର୍ତ୍ତମାନଏହା ସମ୍ଭବପର ନୁହେଁ ଯେ, କୌଣସି ବ୍ୟକ୍ତି ତାହାଙ୍କ ମର୍ଯ୍ୟାଦାକୁ ଆମମାନଙ୍କର ହୃଦୟରୁ କ୍ଷୁର୍ଣ୍ଣ କରିପାରିବ । ବିରୋଧୀମାନେ ଆମ ଉପରେ ଦୋଷାରୋପଣ କରନ୍ତି ଯେ, ନାଉଜୁବିଲ୍ଲାଃ ଆମେମାନେ ଆଁହଜରତ ସ.ଅଙ୍କର ମର୍ଯ୍ୟାଦା ହାନୀ କରିଥାଉ । କିନ୍ତୁ ଆମମାନଙ୍କର ଏହିଭଳି ବିଚାରଧାର ନାହିଁ । "

ଆଁହଜରତ ସ.ଅଙ୍କର ପବିତ୍ର ଶିକ୍ଷା ତାହାଙ୍କୁ (ଅର୍ଥାତ ହ. ଅବୁ ବକର ର.ଅଙ୍କୁ) ତତକ୍ଷଣାତ୍ ଆଲୋକିତ କରିଦେଲା, ସେ ଆପଣ ସ.ଅଙ୍କ ସହିତ କୌଣସି ଯୁକ୍ତି ତର୍କ କଲେ ନାହିଁ, କୌଣସି ନିଦର୍ଶନ ତଥା ଚମତ୍କାର ପ୍ରଦର୍ଶନ କରିବାକୁ କହିଲେ ନାହିଁ । ଆପଣ ସ.ଅଙ୍କର ଦାବିକୁ ଶୁଣି ତତକ୍ଷଣାତ ଆପଣ ସ.ଅଙ୍କୁ କେବଳ ଏତିକି ପଚାରିଲେ ଯେ, ହେ ମୁହମ୍ମଦ ସ.ଅ କ'ଣ ଆପଣ ସ.ଅ ଅବତାରତ୍ୱର ଦାବି କରୁଛନ୍ତି କି ? ଯେତେବେଳେ ରସୁଲ୍ କରୀମ ସ.ଅ କହିଲେ, ହଁ, ସେତେବେଳେ ଆପଣ ର.ଅ କହି ଉଠିଲେ ଯେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ ସାକ୍ଷୀ ରୁହନ୍ତୁ ମୁଁ ଆପଣ ସ.ଅଙ୍କ ଉପରେ ସର୍ବ ପ୍ରଥମେ ବିଶ୍ୱାସ ଆଣୁଛି ।

"ଯେଉଁ ବ୍ୟକ୍ତି ଏହି ସାହାବାମାନଙ୍କ ମର୍ଯ୍ୟାଦାକୁ ପ୍ରତ୍ୟାଖ୍ୟାନ କରେ ଓ ଏମାନଙ୍କ ପ୍ରତି ଅସମ୍ମାନ ଆଚରଣ ପ୍ରଦର୍ଶନ କରେ ତଥା ଏମାନଙ୍କ ଦ୍ୱାରା ଉପସ୍ଥାପିତ ଚୂଡ଼ାନ୍ତ ସିଦ୍ଧାନ୍ତ ତଥା ପ୍ରମାଣକୁ ହୀନ ବୋଲି ମନେକରେ, ଏମାନଙ୍କୁ ତିରସ୍କୃତ କରେ, ଏମାନଙ୍କୁ ଅପଶବ୍ଦ କୁହେ ତେବେ ସେପରିପ୍ରେକ୍ଷୀରେ ମୁଁ ଉକ୍ତ ବ୍ୟକ୍ତିର କୁପରିଣାମ ଓ ବିଶ୍ୱାସ ଛିନ୍ନ ହେବାର ଆଶଙ୍କା କରୁଛି । "

"କ'ଣ କୌଣସି ବିଶ୍ୱାସକାରୀ ଏକଥା ଚିନ୍ତା କରିପାରିବ ଯେ, ସେହି ବ୍ୟକ୍ତି (ହ. ଅବୁ ବକର ର.ଅ) ଯିଏ ଇସଲାମ୍ ଧର୍ମ ପାଇଁ ପ୍ରଥମ ଇଟା ଥିଲେ, ନାଉଜୁ ବିଲ୍ଲାଃ ସେ ଅବଜ୍ଞାକାରୀ ଥିଲେ ଓ କୃପଣ ତଥା ନୀଚ ବ୍ୟକ୍ତି ଥିଲେ ? ପୁନଶ୍ଚ ସେହି ବ୍ୟକ୍ତି ଯିଏ ସକଳ ନବୀଙ୍କର ଗର୍ବ ଓ ଗୌରବ ଥିଲେ (ଅର୍ଥାତ ହ. ମୁମହମ୍ମଦ ସ.ଅଙ୍କ) ତାହାଙ୍କ ସହିତ ସର୍ବପ୍ରଥମେ ପ୍ରବାସ କଲେ ସେ ନାଉଜୁ ବିଲ୍ଲାଃ ଅବିଶ୍ୱାସକାରୀ ଓ ଧର୍ମଦ୍ରୋହୀ ଥିଲେ ? "
"ଏହିପରି ଭାବରେ ପ୍ରତ୍ୟେକ ଶ୍ରେଷ୍ଠତା ଅବଜ୍ଞାକାରୀଙ୍କୁ ପ୍ରାପ୍ତ ହୋଇଗଲା, ଏପର୍ଯ୍ୟନ୍ତକି ସକଳ ପୁଣ୍ୟାଧିପତିଙ୍କ କବରର ପ୍ରତିବଶୀତ୍ୱ ମଧ୍ୟ ଆପମ ର.ଅ (ଅବୁ ବକର)ଙ୍କୁ ପ୍ରାପ୍ତ ହୋଇଗଲା !"

**ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ତଥା ମାର୍ଗଦର୍ଶୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା**

**2022 ମସିହା ଅନୁଯାୟୀ ୨୫ ନବୁଓ୍ୱତ୍ / ୧୪୦୧ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ସର୍ବଶ୍ରେଷ୍ଠ ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଏବଂ ଆପଣ[ର.ଅ]ଙ୍କ ଜୀବନୀର କେତେକ ପ୍ରଶଂସନୀୟ ସୁଗୁଣାବଳୀ ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଇଛି । ସେହି କ୍ରମରେ ଆଜି ହ. ଅବୁ ବକର[ର.ଅ] ଲୋକମାନଙ୍କ ଦୃଷ୍ଟିରେ ଏତେ ଲୋକପ୍ରିୟ କିପରି ହୋଇ ପାରିଥିଲେ ତତ୍‌ସଂପର୍କରେ ଆଉ କେତେକ ପ୍ରସଙ୍ଗ ବର୍ଣ୍ଣନା କରିବି । ହ. ଇବ୍‌ନେ ଉମର୍[ର.ଅ] ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ [ସ.ଅ]ଙ୍କ କାଳରେ ଆମେମାନେ ପରସ୍ପର ମଧ୍ୟରେ ପ୍ରତିଯୋଗୀତା କରୁଥିଲୁ ଏବଂ ଯିଏ ବିଜେତା ହେଉଥିଲା ତାହାକୁ ଶ୍ରେଷ୍ଠତାର ମାନ୍ୟତା ପ୍ରଦାନ

କରୁଥିଲୁ । ଆମେମାନେ ଏହା ମନେ କରୁଥିଲୁ ଯେ, ହ. ଅବୁ ବକର[ର.ଅ] ହେଉଛନ୍ତି ସର୍ବୋତ୍କୃଷ୍ଟ ବ୍ୟକ୍ତି ଏବଂ ତାଙ୍କ ପରେ ହ. ଉମର୍ ବିନ୍ ଖତ୍ତାବ୍[ର.ଅ], ପୁନଶ୍ଚ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍[ର.ଅ] ହେଉଛନ୍ତି ସର୍ବୋତ୍କୃଷ୍ଟ ବ୍ୟକ୍ତି । **(ସହି ବୁଖାରୀ, କିତାବ୍ ଫଜାଇଲି ଅସହାବିନ୍ ନବୀ ସ.ଅ, ବାବ୍ ଫଜଲୁ ଅବି ବକରିନ୍ ବାଆଦନ୍ ନବୀ ସ.ଅ, ହଦିସ୍ ନଂ-3655)**

ହ. ଜାବିର୍ ବିନ୍ ଅବଦୁଲ୍ଲାଃ[ର.ଅ] ବର୍ଣ୍ଣନା କଲେ: ଏକ ଅବସରରେ ହ. ଉମର୍[ର.ଅ] ହ. ଅବୁ ବକର[ର.ଅ]ଙ୍କୁ କହିଲେ, ହେ ଲୋକେମାନେ ! ଆଁହଜରତ[ସ.ଅ]ଙ୍କ ଅନ୍ତେ ମୁଁ ହେଉଛି ସର୍ବୋତ୍କୃଷ୍ଟ ବ୍ୟକ୍ତି । ପ୍ରତ୍ୟୁତ୍ତରରେ ହ. ବୁ ବକର[ର.ଅ] ତତ୍‌କ୍ଷଣାତ୍ କହିଲେ, ମୁଁ ନବୀ କରୀମ୍[ସ.ଅ]ଙ୍କୁ ଏହା କହୁଥିବାରୁ ଶୁଣିଥିଲି ଯେ, ଏପରି ସୂର୍ଯ୍ୟୋଦୟ ହୋଇ ନାହିଁ ଯେଉଁ ଦିନ କେହି ବ୍ୟକ୍ତି ହ. ଉମର[ର.ଅ]ଙ୍କ ଠାରୁ ଶ୍ରେୟସ୍କର ହୋଇଥିବା । **(ସୁନନ୍ନତ୍ ତିର୍ମିଜି କିତାବୁଲ୍ ମନାକିବି, ବାବୁ ଫି ମନାକିବି ଉମର୍ ବିନ୍ ଖତ୍ତାବ୍ ର.ଅ, ହଦିସ୍ ନଂ-3684)** ଅର୍ଥାତ ଆପଣ[ର.ଅ] ତତକ୍ଷଣାତ୍ ନିଜ ବିନୀତତା ବ୍ୟକ୍ତ କରି କହିଲେ ଯେ, ତୁମେ ମୋତେ କହୁଛ ଯେ, ମୁଁ ସର୍ବୋତ୍କୃଷ୍ଟ, କିନ୍ତୁ ମୁଁ ତୁମ ସଂକ୍ରାନ୍ତରେ ମଧ୍ୟ ଆଁହଜରତ[ସ.ଅ]ଙ୍କ ଠାରୁ ଶୁଣିଛି ଯେ, ତୁମେ (ଅର୍ଥାତ ଅବୁ ବକର[ର.ଅ])ହେଉଛ ସର୍ବୋତ୍କୃଷ୍ଟ ।

ଅବ୍‌ଦୁଲ୍ଲାଃ ବିନ୍ ଶଫିକ୍ ବର୍ଣ୍ଣନା କଲେ ଯେ, ମୁଁ ହ. ଆଏଶା[ର.ଅ]ଙ୍କୁ କହିଲି ଯେ, ସାହାବାମାନଙ୍କ ମଧ୍ୟରୁ କିଏ ସର୍ବାଧିକ ନବୀ କରୀମ୍[ସ.ଅ]ଙ୍କର ପ୍ରିୟ ଥିଲେ? ପ୍ରତ୍ୟୁତ୍ତରରେ ସେ କହିଲେ, ହ. ଅବୁ ବକର[ର.ଅ] । ମୁଁ କହିଲି ହ ଅବୁ ବକର[ର.ଅ]ଙ୍କ ପରେ ଆଉ କିଏ ? ଆପଣ[ର.ଅ] (ହ. ଆଏଶା[ର.ଅ]) କହିଲେ, ହ. ଉମର୍ । ମୁଁ ପୁନଶ୍ଚ କହିଲି ଯେ, ହ. ଉମର୍[ର.ଅ]ଙ୍କ ପରେ ଆଉ କିଏ ? ଆପଣ[ର.ଅ] କହିଲେ, ହ. ଅବୁ ଉବୈଦାହ୍ ବିନ୍ ଜର୍ରାହ୍ [ର.ଅ] । ସେ କୁହନ୍ତି, ମୁଁ ପୁନଶ୍ଚ ଆପଣ[ର.ଅ]ଙ୍କୁ କହିଲି, ଅବୁ ଉବୈଦାହ୍[ର.ଅ]ଙ୍କ ପରେ ଆଉ କିଏ ? ଆପଣ[ର.ଅ] ନୀରବ ରହିଲେ । **(ସୁନନ୍ନତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବୁ ମନାକିବି ଅବୁ ବକରୁସ୍ ସିଦ୍ଦିକି, ହଦିସ୍ ନଂ-3657)**

ମୁହମ୍ମଦ୍ ବିନ୍ ସିରିଂ ବର୍ଣ୍ଣନା କଲେ ଯେ, ମୁଁ ସେହି ବ୍ୟକ୍ତି ସଂପର୍କରେ ଆଦୌ ଭ୍ରୂକ୍ଷେପ କରୁ ନାହିଁ ଯିଏ ହ. ଅବୁ ବକର[ର.ଅ] ଓ ହ. ଉମର୍ ର.ଅଙ୍କ ଖୁଣ ସଂପର୍କରେ ବର୍ଣ୍ଣନା କରେ । ଅର୍ଥାତ ସେମାନଙ୍କର ଦୋଷଦୁର୍ବଳତା ବାହାର କରେ। ଏହାପରେ ସେହି ବ୍ୟକ୍ତି ଜଣକ ଆଁହଜରତ[ସ.ଅ]ଙ୍କୁ ଭଲ ପାଉଥିବ । **(ସୁନନ୍ନତ୍ ତିର୍ମିଜି, ବାବୁ ମନାକିବି, ବାବୁ ଫି ମନାକିବି ଉମର୍ ବିନ୍ ଖତ୍ତାବ୍ ର.ଅ, ହଦିସ୍ ନଂ-3685)** ପୁନଶ୍ଚ ଉକ୍ତ ବ୍ୟକ୍ତି ଜଣକ ଏହି ଦାବି କରିବ ଯେ, ମୁଁ ଆଁହଜରତ[ସ.ଅ]ଙ୍କୁ ଭଲ ପାଉଛି । ଅର୍ଥାତ ହ. ଅବୁ ବକର[ର.ଅ] ଓ ହ. ଉମର୍[ର.ଅ]ଙ୍କ ଦୋଷ ଦୁର୍ବଳତା ତଥା ସେମାନଙ୍କର ଖୁଣ୍ ବାହାର କରିବା ପରେ ନବୀ କରୀମ୍[ସ.ଅ]ଙ୍କୁ ଭଲା ପାଇବାର ତା'ର ଦାବି ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । କାରଣ ଏମାନେ ଦୁହେଁ ଆଁହଜରତ[ସ.ଅ]ଙ୍କୁ ଅତି ପ୍ରିୟ ଥିଲେ ।

ହ. ଆଏଜ୍ ବିନ୍ ଉମ୍ରୋ[ର.ଅ] ବର୍ଣ୍ଣନା କରନ୍ତି ଯେ, ହ. ସଲ୍‌ମାନ୍, ହ. ସୁହୈବ୍ ଓ ହ. ବିଲାଲ୍[ର.ଅ] ଲୋକମାନଙ୍କ ଗହଣରେ ବସିଥିବା ସମୟରେ ହ. ଅବୁ ସୁଫିୟାନ୍ ଆସିଲେ, ଇତି ମଧ୍ୟରେ ସେହି ଲୋକମାନେ କହିଲେ, ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ଅଲ୍ଲାଃତାଲାଙ୍କ ଖଡ଼୍‌ଗ ବର୍ତ୍ତମାନ ସୁଦ୍ଧା ତାହାଙ୍କ ଶତ୍ରୁଙ୍କ ସ୍କନ୍ଧଚ୍ୟୁତ କରି ନିଜର ପ୍ରତିଶୋଧ ପୂରଣ କରି ନାହିଁ । ଅର୍ଥାତ ସଠିକ୍ ପ୍ରତିଶୋଧ ନେବାର ଥିଲା ତାହା ନେଲେ ନାହିଁ । ବର୍ଣ୍ଣନାକାରୀ କୁହନ୍ତି, ଏହା ଶୁଣି ହ. ଅବୁ ବକର[ର.ଅ] କହିଲେ, ହେ ଲୋକମାନେ ! ତୁମେମାନେ କୁରୈଶ୍‌ବାସୀଙ୍କ ଅଧିପତିମାନଙ୍କ ସଂକ୍ରାନ୍ତରେ ଏଭଳି ମନ୍ତବ୍ୟ ଦେଉଛ ? ଅବୁ ସୁଫିୟାନ ପରା କୁରୈଶ୍‌ର ଅଧିପତିମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଆଉ ତୁମେ କହୁଛ ଆମେମାନେ ପ୍ରତିଶୋଧ ନେଲୁ ନାହିଁ । ସୁତରାଂ ହ. ଅବୁ ବକର[ର.ଅ] ସ୍ୱୟଂ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ[ସ.ଅ]ଙ୍କୁ ଏହି କଥା କହିଲେ, ତେବେ ଆଁହଜରତ[ସ.ଅ] କହିଲେ, ହେ ଅବୁ ବକର ! ତୁମେ ବୋଧେ ସଲ୍‌ମାନ, ସୁହୈବ୍ ଓ ବିଲାଲଙ୍କୁ ରୁଷ୍ଟ କରିଦେଇଛ । ଯଦି ତୁମେ ଏପରି କରି ଦେଇଛ ତାହାହେଲେ ତୁମେ ନିଜର ପରମେଶ୍ୱରଙ୍କୁ ଅପ୍ରସନ୍ନ କରିଦେଇଛ । ଏହା ଶୁଣି ହ. ଅବୁ ବକର[ର.ଅ] ସେହି ତିନି ଜଣ ମହୋଦୟଙ୍କ ନିକଟକୁ ଗଲେ ଏବଂ କ୍ଷମା ପ୍ରାର୍ଥନା ହୋଇ କହିଲେ, ହେ ମୋର ପ୍ରିୟ ଭ୍ରାତୃବୃନ୍ଦ ! କ'ଣ ମୁଁ ତୁମମାନଙ୍କୁ ଅପ୍ରସନ୍ନିତ କରି ଦେଇଛି କି ? ପ୍ରତ୍ୟୁତ୍ତରରେ ସେମାନେ କହିଲେ, ନାହିଁ ! ଏପରି କିଛି କଥା ନାହିଁ । ଅଲ୍ଲାଃତାଲା ଆପଣଙ୍କୁ କ୍ଷମା ପ୍ରଦାନ କରନ୍ତୁ । **(ସହି ମୁସଲିମ୍ କିତାବୁ ଫଜାଇଲି ଅସ୍‌ହାବିହି, ବାବୁ ମିନ୍ ଫଜାଇଲି ସଲ୍‌ମାନା, ୱ ବିଲାଲା ଓ ସୁହୈବ[ର.ଅ], ହଦିସ୍ ନଂ-6412)** ତହିଁରୁ ଏହା ପ୍ରମାଣିତ ହୁଏ ଯେ, ହ. ଅବୁ ବକର[ର.ଅ]ଙ୍କ ବିନମ୍ରତା କିଭଳି ଥିଲା ! ଆପଣ[ର.ଅ] ଏପରି ଲୋକମାନଙ୍କୁ ଦାସତ୍ୱ ପ୍ରଥାରୁ ମୁକ୍ତି ପ୍ରଦାନ କରିଥିଲେ ଯେ, ସେମାନେ ଅସନ୍ତୁଷ୍ଟ ଓ ଅପ୍ରସନ୍ନ ହେବା ସତ୍ତ୍ୱେ ମଧ୍ୟ ଆପଣ[ର.ଅ] ସେମାନଙ୍କ ନିକଟକୁ କ୍ଷମା ପ୍ରାର୍ଥନା କରିବା ପାଇଁ ଆସିଥିଲେ । ପୁନଶ୍ଚ ଏହାପରେ ହ. ଅବୁ ବକର[ର.ଅ]ଙ୍କ ଆଁହଜରତ[ସ.ଅ]ଙ୍କ ପ୍ରତି ପ୍ରେମ ଓ ଆନ୍ତରିକତାର କିଭଳି ସ୍ତର ରହିଥିଲା ଯେ, ଆଁହଜରତ[ସ.ଅ] ହ. ଅବୁ ବକର[ର.ଅ] ଙ୍କୁ ଏହି କଥା କହିଲେ, ହେ ଅବୁ ବକର ! ତୁମେମାନେ ନିଜର ବନ୍ଧୁମାନଙ୍କୁ ଅସନ୍ତୁଷ୍ଟ କରିଦେଇଛ ଏବଂ ଆଁହଜର[ସ.ଅ] ଏହି କଥା ହ. ଅବୁ ବକର[ର.ଅ]ଙ୍କୁ କହିଲେ ନାହିଁ କି ଯାଅ ସେମାନଙ୍କୁ କ୍ଷମା ମାଗ । ବରଂ ହ. ଅବୁ ବକର[ର.ଅ] ଶୀଘ୍ର ସ୍ୱତଃସ୍ଫୂର୍ତଃ ସେମାନଙ୍କ ନିକଟକୁ ଯାଇ କ୍ଷମା ପ୍ରାର୍ଥନା କଲେ । ଉକ୍ତ ଘଟଣା ବର୍ଣ୍ଣନା କରି ବ୍ୟଖ୍ୟାରେ ଉଲ୍ଲେଖ ରହିଛି ଯେ, ଉକ୍ତ ଘଟଣାଟି ସୁଲାହ୍ ହୁଦୈବିୟା ଅବସରରେ ଅବିଶ୍ୱାସକାରୀମାନଙ୍କର ଯୁଦ୍ଧ ପ୍ରସ୍ତୁତିର ସନ୍ଧି ହେବା ପରର ଘଟଣା ଅଟେ ଯେତେବେଳେ ଅବୁ ସୁଫିୟାନ୍ ବର୍ତ୍ତମାନ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇ ନଥିଲେ । ସେତେବେଳେ ମୁସଲମାନମାନଙ୍କର ଏହି ଚିନ୍ତାଧାରା ରହିଥିଲା ଯେ, ଆମେମାନେ ଅବୁ ସୁଫିୟନାଙ୍କୁ ପୂର୍ବେ ମାରି ଦେଇଥାଆନ୍ତୁ କି !

**(ସହି ମୁସଲିମ୍, ବିଶରହିନ୍ ନୁୱୀ, ଭାଗ-16, ପୃ-96, ସଂସ୍ଥାପକ-କର୍ତ୍ତବତା-1991)**

ପବିତ୍ର କୁରଆନ୍ କଣ୍ଠସ୍ଥ କରିବା ସଂକ୍ରାନ୍ତରେ ହ. ମୁସ୍‌ଲେହ୍ ମଉଦ୍[ର.ଅ] ମଧ୍ୟ ଇତିହାସର ପ୍ରାମାଣ୍ୟ ଉପସ୍ଥାପିତ କରି ନିଜର ମନ୍ତବ୍ୟ ରଖିଛନ୍ତି । ଆପଣ[ର.ଅ] କୁହନ୍ତି ଯେ, "ଅବୁ ଉବୈଦହ୍[ର.ଅ] କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ପ୍ରବାସକାରୀଙ୍କ ସାହାବାମାନଙ୍କ ମଧ୍ୟରେ ନିମ୍ନଲିଖିତ ପବିତ୍ର କୁରଆନ କଣ୍ଠସ୍ଥକାରୀମାନେ ପ୍ରମାଣିତ ଓ ମାନ୍ୟତା ପ୍ରାପ୍ତ ଅଟନ୍ତି । ସେମାନେ ହେଲେ ଯଥା- ଅବୁ ବକର[ର.ଅ], ଉମର୍[ର.ଅ] , ଉସମାନ୍[ର.ଅ], ଅଲୀ[ର.ଅ], ତଲହା[ର.ଅ], ସାଆଦ୍[ର.ଅ], ଇବନେ ମସଉଦ୍[ର.ଅ], ହୁଜୈଫା[ର.ଅ], ସାଲିମ୍[ର.ଅ], ଅବୁ ହୁରୈରାହ୍[ର.ଅ], ଅବ୍‌ଦୁଲ୍ଲାଃ ବିନ୍ ସାଏବ୍[ର.ଅ], ଅବ୍‌ଦୁଲ୍ଲାଃ ବିନ୍ ଉମର୍[ର.ଅ], ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍[ର.ଅ] ଏବଂ ମହିଳାମାନଙ୍କ ମଧ୍ୟରୁ ହ. ଆଏଶା[ର.ଅ], ହ. ଉମ୍ମେ ସଲ୍‌ମା[ର.ଅ]। ସେମାନଙ୍କ ମଧ୍ୟରୁ ଅନେକ ରସୁଲୁଲ୍ଲାଃ[ସ.ଅ]ଙ୍କ ଜୀବନରେ ହିଁ ପବିତ୍ର କୁରଆନ୍ ମୁଖସ୍ଥ କରି ନେଇଥିଲେ ଓ ଆଉ କେତେକ ସାହାବାମାନେ ଆଁହଜରତ[ସ.ଅ]ଙ୍କ ବିୟୋଗ ପରେ ପବିତ୍ର କୁରଆନ୍ ମୁଖସ୍ଥ କରିଥିଲେ ।

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-429-430)**

**ସାନିୟସ୍ ନୈନି ଫିଲ ଗାରି** ସଂକ୍ରାନ୍ତରେ ହ. ଅବୁ ବକର[ର.ଅ] ନିଜର ବର୍ଣ୍ଣନାରେ ଏହିପରି ଉଲ୍ଲେଖ କରିଛନ୍ତି ଯେ, ହ. ଅନସ୍[ର.ଅ] ହ. ଅବୁ ବକର[ର.ଅ]ଙ୍କ ଠାରୁ ବର୍ଣ୍ଣନା କଲେ । ସେ କହୁଥିଲେ ଯେ, ମୁଁ ନବୀ କରୀମ୍[ସ.ଅ]ଙ୍କୁ କହିଲି ଓ ମୁଁ ସେତେବେଳେ ଗୁହା (ଗୁମ୍ଫା)ରେ ଥିଲି । (ଅର୍ଥାତ ହ. ଅବୁ ବକର[ର.ଅ] କହିଲେ, ମୁଁ ସେତେବେଳେ ଆଁହଜରତ[ସ.ଅ]ଙ୍କ ସହିତ ଗୁମ୍ଫାରେ ଥିଲି)। ଅର୍ଥାତ ଶତ୍ରୁଙ୍କ ମଧ୍ୟରୁ ଯଦି କେହି ନିଜର ପାଦ ତଳକୁ ଦୃଷ୍ଟି ପକାନ୍ତି ତେବେ (ଅର୍ଥାତ ଅବିଶ୍ୱାସକାରୀମାନେ ଯେଉଁମାନେ ଗୁମ୍ଫା ବାହାରେ ଛିଡ଼ା ହୋଇଥିଲେ ସେମାନଙ୍କ ମଧ୍ୟରୁ ଯଦି କେହି ନିଜର ପାଦ ତଳେ ଥିବା ଗୁମ୍ଫା ମଧ୍ୟକୁ ଉଣ୍ଡିକି ଚାହିଁ ଦିଅନ୍ତି) ତେବେ ସେମାନେ ଆମମାନଙ୍କୁ ଅବଶ୍ୟ ଦେଖି ପକାଇବେ । ସେତେବେଳେ ଆପଣ[ସ.ଅ] କହିଲେ, ହେ ଅବୁ ବକର ! ଆପଣଙ୍କର କ'ଣ ମତାମତ ରହିଛି ସେହି ଦୁଇ ବ୍ୟକ୍ତିଙ୍କ ସଂକ୍ରାନ୍ତରେ ଯାହାଙ୍କ ସହିତ ତୃତୀୟ ଅଲ୍ଲାଃତାଲା ଅଛନ୍ତି ? **(ସହି ବୁଖାରୀ, କିତାବୁ ଫଜାଇଲି, ଅସ୍‌ହାବିନ୍ ନବୀ[ସ.ଅ], ବାବୁ ମନାକିବିଲ୍ ମୁହାଜିରିନା ୱ ଫଜ୍‌ଲିହିମ୍, ହଦିସ୍ ନଂ-3653)** ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ ।

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି ଯେ, ହ. ଅବୁ ବକର[ର.ଅ]ଙ୍କ ପ୍ରଶଂସନୀୟ

---

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

---

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family,
Jamat Ahmadiya Kerang (Odisha)

ସୁଗୁଣାବଳୀ ମଧ୍ୟରୁ ଏକ ବିଶେଷ ଗୁଣଟି ହେଉଛି ଯେ, ହ. ଅବୁ ବକରର.ଅଙ୍କୁ ଆଁହଜରତସ.ଅ ପ୍ରବାସ ଯାତ୍ରା ନିମନ୍ତେ ମନୋନୀତ କରିଥିଲେ ଏବଂ ମାନବ ଜାତି ମଧ୍ୟରୁ ସର୍ବଶ୍ରେଷ୍ଠ ବ୍ୟକ୍ତି, ଆଁହଜରତ ସ.ଅଙ୍କ ସମସ୍ୟା ଏବଂ ପାରସ୍ପାରିକ ବିପତ୍ତି ସମୟରୁ ହିଁ ଆପଣ ର.ଅ ସାଥିରେ ସାମିଲ୍ ଥିଲେ । କାରଣ ଈଶ୍ୱରଙ୍କ ପ୍ରିୟତମ ହଜରତ୍ ମୁହମ୍ମଦସ.ଅଙ୍କ ସହିତ ଆପଣ ର.ଅଙ୍କର ବିଶେଷ ସଂପର୍କ ସାବ୍ୟସ୍ତ ହୋଇଯିବ ଏବଂ ତହିଁରେ ଏହି ଗୁପ୍ତ ରହସ୍ୟ ନିହିତ ରହିଥିଲା ଯେ, ଅଲ୍ଲାଃତାଲା ଏହି କଥାକୁ ଭଲ ଭାବରେ ଜାଣିଥିଲେ ଯେ, ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ସତ୍ୟବାଦୀ ହ. ଅବୁ ବକରର.ଅ ସାହାବାମାନଙ୍କ ମଧ୍ୟରେ ସର୍ବାଧିକ ସାହାସୀ, ଧର୍ମପରାୟଣ ବ୍ୟକ୍ତି, ସର୍ବାଧିକ ରୂପେ ଆଁହଜରତସ.ଅଙ୍କର ଅତି ଘନିଷ୍ଠ ଏବଂ ବୀର ଯୋଦ୍ଧା ଥିଲେ । ସେହିପରି ଆପଣର.ଅ ସକଳ ଜଗତ ତଥା ବିଶ୍ୱ ବ୍ରହ୍ମାଣ୍ଡର ପୁରୁଷୋତ୍ତମ ଆଁହଜରତସ.ଅଙ୍କ ପ୍ରେମରେ ନିଜକୁ ହଜାଇ ଦେଇଥିଲେ । ପ୍ରାରମ୍ଭିକ ସମୟରୁ ହିଁ ହ. ଅବୁ ବକରର.ଅ ଆଁହଜରତସ.ଅଙ୍କୁ ଆର୍ଥିକ ସାହାଯ୍ୟ କରିଥିଲେ ଏବଂ ଆପଣସ.ଅଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଧ୍ୟାନ ରଖୁଥିଲେ । ଅତଏବ ଅଲ୍ଲାଃତାଲା ଦୁଃଖ କଷ୍ଟ ସମୟରେ ଏବଂ କଠିନ ପରିସ୍ଥିତି ସମୟରେ ନିଜର ପ୍ରିୟ ମୁନିବସ.ଅଙ୍କ ମାଧ୍ୟମରେ ହିଁ ଆପଣର.ଅଙ୍କୁ ଆଶ୍ୱାସନା ପ୍ରଦାନ କରି କହିଲେ, **ଲା ତହଜନ୍ ଇନ୍ନଲ୍ଲାଃହା ମାଆନା** ଏବଂ ଆପଣ ର.ଅଙ୍କୁ **ଅସ୍ ସିଦ୍ଦିକ୍** ନାମରେ ନାମିତ କଲେ ଏବଂ ଉଭୟ ଲୋକଙ୍କ ସାମୀପ୍ୟତ ପ୍ରଦାନ କରି ଆପଣର.ଅଙ୍କୁ ବିଶେଷିତ କଲେ । ଅତଃ ଅଲ୍ଲାଃତାଲା ଆପଣସ.ଅ ଓ ହ. ଅବୁ ବକରର.ଅଙ୍କୁ **ସାନିୟସ୍ ନୈନିର** ଗୌରବଜନକ ଖ୍ୟାତି ଦ୍ୱାରା ସମ୍ମାନିତ କଲେ ଓ ନିଜର ସର୍ବୋତ୍କୃଷ୍ଟ ବିଶିଷ୍ଟ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କଲେ । **(ସିର୍‌ରୁଲ୍ ଖିଲାଫାର ଅନୁବାଦ, ପୃ-59-60 ରୁହାନୀ ଖଜାଏନ୍, ଭାଗ-8, ପୃ-338-339)**

ସାଂପ୍ରତିକ କାଳରେ ହ. ଅବୁ ବକରର.ଅଙ୍କ ସଂପର୍କରେ କେତେକ ପ୍ରାଚ୍ୟ ଐତିହାସବିତ୍‌ମାନଙ୍କର କେତୋଟି ପ୍ରାମାଣ୍ୟ ଉପସ୍ଥାପିତ କରି ଓ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରି କହିଲେ, ଆଲ୍‌ଜିରିୟାର ଆଣ୍ଡ୍ରେ ସର୍‌ୱିୟର୍ (Andre Servier) ସାହେବ ବିଂଶ ଶତାବ୍ଦୀର ଜଣେ ଇତିହାସବିତ୍ ଅଟନ୍ତି । ସେ ହ. ଅବୁ ବକରର.ଅଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, ହ. ଅବୁ ବକରର.ଅଙ୍କ ସ୍ୱଭାବ କିପରି ଥିଲା? ଅନାଶାତିତ ଉତ୍ଥାନ ସତ୍ତ୍ୱେ ସେ ଦାରିଦ୍ର୍ୟତାମୂଳକ କଷାଘାତରେ ନିଜର ଜୀବନ ଅତିବାହିତ କରିଥିଲେ । ଯେତେବେଳେ ଆପଣର.ଅଙ୍କ ବିୟୋଗ ହେଲା ସେତେବେଳେ ନିଜର ପଛରେ ଜୀର୍ଣ୍ଣ ପୋଷାକ, ଜଣେ ଦାସ, ଗୋଟିଏ ଓଟ ସମ୍ପତ୍ତି ଆକାରରେ ଛାଡ଼ି ଯାଇଥିଲେ । ସେ ମଦିନାବାସୀଙ୍କ ଉପରେ ପ୍ରକୃତ ଶାସନକାରୀ ବ୍ୟକ୍ତି ଥିଲେ । ଆପଣର.ଅଙ୍କ ମଧ୍ୟରେ ଏକ ବିଶେଷ ଗୁଣାବଳୀ ଥିଲା ଏବଂ ତାହା ଥିଲା ଶକ୍ତି ଏବଂ ବଳିଷ୍ଠ ବ୍ୟକ୍ତିତ୍ୱ । ଉକ୍ତ ଇତିହାସବିତ୍ ଉଲ୍ଲେଖ କରେ ଯେ, ମୁହମ୍ମଦସ.ଅ ଯେପରି ସୁନ୍ଦର ଢଙ୍ଗରେ ବିଜୟ ପ୍ରାପ୍ତ କରିଥିଲେ ଏବଂ ଶତ୍ରୁଙ୍କ ଉପରେ ଯେଉଁ ବିଜୟ ପ୍ରାପ୍ତ କରିଥିଲେ ସେହି ଅନନ୍ୟ ଗୁଣାବଳୀ ଓ ପ୍ରତିଭା ହ. ଅବୁ ବକରର.ଅଙ୍କ ଠାରେ ମଧ୍ୟ ଦେଖିବାକୁ ମିଳୁଥିଲା । ସେହି ବିଶିଷ୍ଟ ଗୁଣାବଳୀ ଓ ଅନନ୍ୟ ପ୍ରତିଭାଗୁଡ଼ିକ ହେଲା ଯଥା-ଅବିଚଳତାମୂଳକ ବିଶ୍ୱାସ, ଦୃଢବିଶ୍ୱାସ ଇତ୍ୟାଦି । ଅର୍ଥାତ ହ. ଅବୁ ବକରର.ଅ ସଠିକ୍ ସ୍ଥାନରେ ଉଚିତ ବ୍ୟକ୍ତି ଥିଲେ । ପୁନଶ୍ଚ ଉକ୍ତ ଇତିହାସବିତ୍ ଉଲ୍ଲେଖ କରେ ଯେ, ଉକ୍ତ ବୟୋଜ୍ୟେଷ୍ଠ ତଥା ପୁଣ୍ୟ ସ୍ୱଭାବ ବ୍ୟକ୍ତି ନିଜସ୍ୱ ଧର୍ମମତକୁ ସେତେବେଳେ ଅବଲମ୍ବନ କଲେ ଯତେବେଳେ ଚତୁର୍ଦ୍ଦିଗରେ ବିଦ୍ରୋହର ବହ୍ନୀ ବ୍ୟାପିଥିଲା । ଆପର.ଅ ନିଜର ବିଶ୍ୱାସମୂଳକ ଦୃଢ ସଂକଳ୍ପ ମାଧ୍ୟମରେ ହ. ମୁହମ୍ମଦସ.ଅଙ୍କ କାର୍ଯ୍ୟକୁ ନୂତନ ରୂପେ ଆରମ୍ଭ କରିଥିଲେ ।

**(Islam and the psychology of the muslim by Andre Srvier Page:51)**

ପୁନଶ୍ଚ ଜେ. ଜେ.ଜେ ସଣ୍ଡର୍ସ ନାମକ ଜଣେ ବ୍ରିଟିଶ ଇତିହାସବିତ୍ ଅଟନ୍ତି, ସେ ଉଲ୍ଲେଖ କେରନ୍ତି ଯେ, ପୂର୍ବେ ଖଲିଫାମାନଙ୍କର ସ୍ମୃତି ସର୍ବଦା ଏକ ସାଧାରଣ ବ୍ୟକ୍ତି ରୂପେ ମୁସଲମାନମାନଙ୍କର ମନ ଭିତରେ ରହିଥିଲା ଏବଂ ଯେକି ଅତ୍ୟନ୍ତ ପୂର୍ଣ୍ଣ ବିଶ୍ୱସ୍ତତା, ଦୟା ଓ ଦାନଶୀଳତାର ଚଳତ୍ ପ୍ରତିମୂର୍ତ୍ତି ଓ ପ୍ରବର୍ତ୍ତକ ଥିଲେ । ଭୀଷଣରୁ ଅତି ଭୀଷଣ ବାତ୍ୟା ମଧ୍ୟ ଆପଣ ର.ଅଙ୍କ ସାର୍ବକାଳୀକ ବିନୀତତାମୂଳକ ସ୍ୱଭାବକୁ ଦୋହୋଲାଇ ପାରି ନଥିଲା ।

ହ. ଅବୁ ବକରର.ଅଙ୍କ ଶାସନକାଳ ଯଦିଓ ସ୍ୱଳ୍ପକାଳୀନ ଥିଲା । କିନ୍ତୁ ସେହି ଶାସନକାଳରେ ଆପଣର.ଅ ଓ ଇସ୍‌ଲାମ୍ ଧର୍ମକୁ ଯେଉଁ ସଫଳତା ପ୍ରାପ୍ତ ହେଲା ତାହା ଭବ୍ୟ ଅନନ୍ୟ ଥିଲା । ଆପଣର.ଅଙ୍କ ସ୍ୱଭାବରେ ସ୍ଥିରତା, ଅବିଚଳତା ହେତୁ ବିଦ୍ରୋହ ଓ ବିଧର୍ମୀତାକୁ ଆପଣର.ଅ ନିୟନ୍ତ୍ରଣ କରି ଆରବୀୟ ଜାତିକୁ ପୁନଃ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ କରି ଦେଇଥିଲେ । ଆପଣର.ଅଙ୍କ ଅନୁକରଣତ୍ୱ, ଅବିଚଳତା ମୂଳକ ଇଚ୍ଛାଶକ୍ତି ଯୋଗୁଁ ଆରବୀୟ ଜଗତର ଶାସନ ବ୍ୟବସ୍ଥାର ଏକ ନୂତନ ମୂଳଦୁଆ ରଖିଦେଇଥିଲେ ।

**(A History of Medieval Islam by J.J. Sunders Page 44-45, London 2002)**

ପୁନଶ୍ଚ ଏନ୍ୟ ଏକ ଇଂରାଜୀ ଲେଖକ ଯାହାଙ୍କ ନାଁ ହେଲା ଏଚ୍. ଜି. ୱେଲ୍‌ଜ୍ (H.G Wells) କୁହନ୍ତି, "କୁହାଯାଏ ଯେ, ଇସ୍‌ଲାମୀୟ ଶାସନର ପ୍ରକୃତ ସଂସ୍ଥାପକ ହ. ମୁହମ୍ମଦସ.ଅଙ୍କ ଅପେକ୍ଷା ହ. ଅବୁ ବକର୍ ଅଧିକ ଥିଲେ। ଆପଣର.ଅ ଆଁହଜରତସ.ଅଙ୍କର ମିତ୍ର ତଥା ସାହାଯ୍ୟକର୍ତ୍ତା ଥିଲେ । ସେ ଯାହା ହେଉ ନା କାହିଁକି ଉକ୍ତ ଉକ୍ତ ଲେଖକ ଏଠାରେ ଅତିଶୟୋକ୍ତି କରିଛି । ଅତଏବ ଉକ୍ତ ଲେଖକ ଆଗକୁ ଉଲ୍ଲେଖ କରେ ଯେ, ମୁହମ୍ମଦସ.ଅ ଯଦି ନିଜର ଅବିଚଳତାମୂଳକ ଭୂମିକା ସତ୍ତ୍ୱେ ପ୍ରାରମ୍ଭିକ ଇସଲାମ୍ ଧର୍ମର ମସ୍ତିଷ୍କ ଓ ଚିନ୍ତାଧାରା ଥିଲେ । **(ଅଲ୍‌ଅୟାଜୁ ବିଲ୍ଲାଃ, ନାଉଜୁ ବିଲ୍ଲାଃ)** । ତେବେ ହ. ଅବୁ ବକରର.ଅ ଉକ୍ତ ବ୍ୟକ୍ତିର ଧାରଣା ଓ ସଂକଳ୍ପ ଥିଲେ । ଯେତେବେଳେ ବି ମୁହମ୍ମଦସ.ଅ ବିଚଳିତ ହେଉଥିଲେ ସେତେବେଳେ ଅବୁ ବକର ତାଙ୍କର ସହାୟକ ହୋଇ ତାଙ୍କୁ ଆଶ୍ୱସନା ଦେଉଥିଲେ । ସେ ଯାହା ହେଉ ନା କାହିଁକି ଉକ୍ତ କଥାଟି ତ' ବାଯ୍ୟ କଥା ଓ ନିରର୍ଥକ କଥା ଯହିଁରେ କୌଣସି ସତ୍ୟତା ନାହିଁ । କିନ୍ତୁ ଆଗକୁ ଉକ୍ତ ଲେଖକ ସଠିକ୍ କଥା ଉଲ୍ଲେଖ କରୁଛି ଯେ, ଯେତେବେଳେ ମୁହମ୍ମଦସ.ଅଙ୍କର ବିୟୋଗ ହେଲା ସେତେବେଳେ ଆପଣସ.ଅ ଙ୍କର ଖଲିଫା ତଥା ଉତ୍ତରାଧିକାରୀ ହ. ଅବୁ ବକରର.ଅ ହେଲେ। ପର୍ବତକୁ ଦୋହୋଲାଉ ଦେଉଥିବା ବିଶ୍ୱାସର ସହିତ ଆପଣର.ଅ ଅତ୍ୟନ୍ତ ସରଳତା ତଥା ବିଚକ୍ଷଣ ବୁଦ୍ଧି ଓ ଚତୁରତା ବଳରେ ତିନି ହଜାର କିମ୍ବା ଚାରି ହଜାର ବିଶିଷ୍ଟ ଛୋଟ ଛୋଟ ସେନା ବାହିନୀ ସହିତ ସମଗ୍ର ସଂସାରକୁ ଅଲ୍ଲାଃତାଲାଙ୍କ ଆଦେଶବଳୀ ଅଧୀନ ଆଣିବାର କାର୍ଯ୍ୟ ଆରମ୍ଭ କରିଥିଲେ ।

**(A Short History of th World by H.G Wells, Page-76)**

ସେ ଯାହା ହେଉ ନା କାହିଁକି ଯେପରିକି ମୁଁ କହିଲି ଯେ, ଲେଖକ ମହୋଦୟ ହ. ଅବୁ ବକରର.ଅଙ୍କର କେତେକ ସୁଗୁଣାବଳୀର ଚର୍ଚ୍ଚା କରିଛନ୍ତି । ନିଃସନ୍ଦେହ ରୂପେ ଉପରୋକ୍ତ ସୁଗୁଣାବଳୀଗୁଡ଼ିକ ଆପଣର.ଅଙ୍କ ମଧ୍ୟରେ ବିଦ୍ୟମାନ ଥିଲା। କିନ୍ତୁ ଏମାନେ ଆଁହଜରତସ.ଅଙ୍କର ସେହି ସର୍ବୋଚ୍ଚ ତଥା ସୁଉଚ୍ଚ ଅବତାରତ୍ୱ ମର୍ଯ୍ୟାଦା ସଂପର୍କରେ ସମ୍ୟକ ଧାରଣା ଏବଂ ସଠିକ୍ ଜ୍ଞାନ ରଖନ୍ତି ନାହିଁ । ତେଣୁ ଇତିହାସବିତମାନେ ହ. ଅବୁ ବକରର.ଅଙ୍କ ପ୍ରଶଂସା କରିବାରେ ଯେଉଁ ଅତିଶୟୋକ୍ତି ଅବଲମ୍ବନ କରନ୍ତି ତାହା ଆଦୌ ସମୀଚୀନ ନୁହେଁ । କିନ୍ତୁ ସେ ହ. ଅବୁ ବକରର.ଅ ହୁଅନ୍ତୁ ଅବା ହ. ଉମର୍ହୁର.ଅ ଅନ୍ତୁ ପଛେ ସମସ୍ତେ ନିଜର ପ୍ରିୟ ମୁନିବ ହ. ମୁହମ୍ମଦସ.ଅଙ୍କର ପରମ ବିଶ୍ୱସ୍ତ (ବନ୍ଧୁ) ଓ ଅନୁକରଣକାରୀ ଏବଂ ପ୍ରେମିକ ଥିଲେ ।

ଏହି ଲୋକମାନେ ହିଁ ଆଁହଜରତସ.ଅଙ୍କର ପ୍ରକୃତ ସେବକ ଏବଂ ଆଁହଜରତସ.ଅଙ୍କ ହସ୍ତ ଓ ପାଦ ସଦୃଶ ଥିଲେ । ଠିକ୍ ଏହିପରି ଇସ୍‌ଲାମ୍ ଧର୍ମ ଆଁହଜରତସ.ଅଙ୍କ ମସ୍ତିଷ୍କର ନାମ କିମ୍ବା କାମ ନଥିଲା, ଯେପରି ଉକ୍ତ ଲେଖକ ଉଲ୍ଲେଖ କରିଛି ଏହି ଲୋକମାନେ ହିଁ ଆଁହଜରତସ.ଅଙ୍କର ପ୍ରକୃତ ସେବକ ଏବଂ ଆଁହଜରତସ.ଅଙ୍କ ହସ୍ତ ଓ ପାଦ ସଦୃଶ ଥିଲେ । ଇସ୍‌ଲାମ ଧର୍ମର ମସ୍ତିଷ୍କ କେବଳ ଆଁହଜରତ ସ.ଅ ଥିଲେ ତାହା ନୁହେଁ ବରଂ ଈଶ୍ୱରଙ୍କ ପୂର୍ଣ୍ଣ ମାର୍ଗଦର୍ଶନ ଓ ଐଶୀବାଣୀ ଫଳରେ ପୂର୍ଣ୍ଣ ଓ ପୂର୍ଣ୍ଣାଙ୍ଗ ଧର୍ମ ବିଧାନ ତଥା ଧର୍ମର ନାମ ଇସ୍‌ଲାମ୍ ଅଟେ । କେବେ ବି ଓ କୌଣସି ବିଚଳତା ଅବା ଧୈର୍ଯ୍ୟହୀନତା ଅବସରରେ ହ.ଅବୁ ବକରର.ଅ ଆଁହଜରତସ.ଅଙ୍କ ସକାଶେ ସହାୟକ ଓ ଢାଲ ସଦୃଶ ଥିଲେ ତାହା ନୁହେଁ । ବରଂ ପ୍ରଥମତଃ ଆପର.ଅ ସେହି ସାହାସୀ, ବୀର, ପହିଲମାନ ନବୀସ.ଅଙ୍କ ସମଗ୍ର ଜୀବନରେ ଆମେମାନେ କେବେ କୌଣସି ବିଚଳତା ଅବା ଅଧୀରତା ଦେଖିପାରି

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃରେ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

**(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Abdul Malik, S/o- Late Abdur Rahman,
Jamat Ahmadiya Karadapalli (Odisha)

ନାହୁଁ । ଯଦିବି କୌଣସି ସମସ୍ୟା କିମ୍ବା ଅଧୀରତା ତଥା ଘଡ଼ିସନ୍ଧି ମୁହୂର୍ତ୍ତ ଆସିଲା ସେତେବେଳେ ପରମ ଶକ୍ତିଶାଳୀ ପ୍ରଭୁ ତାହାଙ୍କ ପାଇଁ ସାହାଯ୍ୟକାରୀ ରୂପେ ଛିଡ଼ା ହୋଇଗଲେ । ଲେଖକ ଉଲ୍ଲେଖ କରନ୍ତି ଯେ, ଆପଣ[ସ.ଅ] ହ. ଅବୁ ବକର[ର.ଅ]ଙ୍କ ସାହାଯ୍ୟକର୍ତ୍ତା ଥିଲେ । କିନ୍ତୁ ଏହାର ବିପରୀତ ଆମେମାନେ ଦେଖିଛେ ଯେ, ଯଦି ଆଁହଜରତ[ସ.ଅ]ଙ୍କ ଜୀବନରେ କୌଣସି ସମସ୍ୟା ଅବା ଅଧୀରତାର ସମୟ ଅସିଲା ସେତେବେଳେ ହ. ଅବୁ ବକର[ର.ଅ] ଆଁହଜରତ[ସ.ଅ]ଙ୍କ ପାଇଁ ଢାଲ ଓ ସାହାଯ୍ୟକର୍ତ୍ତା ରୂପେ ଛିଡ଼ା ହେଉଥିଲେ । ଯେପରି କି ପ୍ରବାସ ସମୟରେ ଯେତେବେଳେ ହ. ଅବୁ ବକର[ର.ଅ] ଅତ୍ୟନ୍ତ ଚିନ୍ତିତ ହୋଇ ଅଧୀର ତଥା ବିଚଳିତ ହେଲେ ସେତେବେଳେ ନିଃସନ୍ଦେହ ରୂପେ ଏହି ଅଧୀରତା ଆଁହଜରତ[ସ.ଅ]ଙ୍କ ପ୍ରେମ ସକାଶେ ଥିଲା । କିନ୍ତୁ ଏହି ଅଧୀରତା ତଥା ଉତ୍କଟ ପରିସ୍ଥିତିରେ ଆଁହଜରତ[ସ.ଅ] ହ. ଅବୁ ବକର[ର.ଅ]ଙ୍କର ସାହାଯ୍ୟକର୍ତ୍ତା ହୋଇ ଉଭା ହୋଇଥିଲେ । ଯେତେବେଳେ ଆପଣ[ସ.ଅ] ହ. ଅବୁ ବକର[ର.ଅ]ଙ୍କୁ କହିଲେ ଯେ, **ଲା ତହଜନ୍ ଇନଲ୍ଲାଃହା ମାଆନା (ଅତ୍‌ତୋବା: 40)** ଅର୍ଥାତ ହେ ଅବୁ ବକର ଅତୀତର କୌଣସି ତ୍ରୁଟି ପାଇଁ ଦୁଃଖ କର ନାହିଁ । କାରଣ ଅଲ୍ଲାଃତାଲା ଆମମାନଙ୍କ ସହିତ ଅଛନ୍ତି । ଯେପରିକି ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି ଯେ, ହ. ଅବୁ ବକର[ର.ଅ] ସ୍ୱୟଂ ବର୍ଣ୍ଣନା କଲେ ଯେ, ଯେତେବେଳେ ତାଙ୍କ ମନରେ ଏହି ଅଧୀରତା ଥିଲା ସେତେବେଳେ ଆଁହଜରତ[ସ.ଅ] ହିଁ ହ. ଅବୁ ବକର[ର.ଅ]ଙ୍କୁ ସନ୍ତୁଷ୍ଟି ଓ ଆଶ୍ୱାସନା ଦେଇଥିଲେ । ସୁତରାଂ ଏହି ଗୋଟିଏ ଘଟଣା ହିଁ ଆପଣ[ସ.ଅ]ଙ୍କ ଦୃଢ ସଂକଳ୍ପ, ଭରସା ଓ ଅଲ୍ଲାଃତାଲାଙ୍କ ବିଶେଷ ନବୀ ହେବାର ଜ୍ୱଳନ୍ତ ପ୍ରମାଣ ଅଟେ । କିନ୍ତୁ ସେ ଯାହା ହେଉ ନା କାହିଁକି ଏହି ବୁଦ୍ଧି ବିଚାର ଶୂନ୍ୟ ଏବଂ ବୁଦ୍ଧି ନେତ୍ରହୀନ ଯଦି ଗୋଟିଏ ସତ୍ୟ କଥା କହିବାକୁ ବାଧ୍ୟ ହୁଅନ୍ତି ତେବେ ସେମାନେ ମଝିରେ କିଛି ନା କିଛି ଅପମିଶ୍ରଣ କରିବା ପାଇଁ ଉଦ୍ୟମ କରିଥାଆନ୍ତି ।

ପୁନଶ୍ଚ ଟି. ଡବ୍ଲ୍ୟୁ ଆର୍ନଲ୍ଡ଼ (T.W Arnold) ନାମକ ଆଉ ଜଣେ ପ୍ରାଚ୍ୟବିତ୍ ନିଜର ମତ ରଖନ୍ତି ଯେ, ସେ (ଅବୁ ବକର[ର.ଅ]) ଜଣେ ଧନୀକ ବ୍ୟବସାୟୀ ଥିଲେ। ଉଚ୍ଚତମ ଭୂମିକା, ନିଜର ବିଚକ୍ଷଣ ବୁଦ୍ଧିମତା, ଦକ୍ଷତା ଓ ସାମର୍ଥ୍ୟତା ହେତୁ ତାଙ୍କର ଦେଶବାସୀମାନେ ତାଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଇସ୍‌ଲାମ ଧର୍ମ ଗ୍ରହଣ କରିବା ପରେ ଆପଣ[ର.ଅ] ନିଜର ସମ୍ପତ୍ତିର ବୃହତାଂଶ ସେହି ଦାସମାନଙ୍କୁ କ୍ରୟ କରିବାରେ ବ୍ୟୟ କରିଥିଲେ ଯେଉଁମାନଙ୍କୁ ଅବିଶ୍ୱାସକାରୀମାନେ ନିଜର ପ୍ରିୟ ମୁନିବ[ସ.ଅ]ଙ୍କ ଶିକ୍ଷା ଉପରେ ବିଶ୍ୱାସ ଆଣିବା ହେତୁ ନାନା ନିର୍ଯାତନା ତଥା କଷଣ ଦେଉଥିଲେ ।

**(The Preaching of Islam by T.W Arnold Page 10 Archibald Constable & co 1986)**

ପୁନଶ୍ଚ ସ୍କଟଲ୍ୟାଣ୍ଡର ପ୍ରାଚ୍ୟ ଇତିହାସବିତ୍ ଓ ବ୍ରିଟେନ୍‌ର ନାଗରିକ ଭାରବର୍ଷରେ ଉତ୍ତର ପଶ୍ଚିମ ପ୍ରଦେଶର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ସର୍ ୱିଲିୟମ୍ ମିଓର୍ (Sir William Muir) ଉଲ୍ଲେଖ କରେ ଯେ, ହ. ଅବୁ ବକର[ର.ଅ]ଙ୍କ ଶାସନକାଳ ଅତି ସଂକ୍ଷିପ୍ତ ଥିଲା । କିନ୍ତୁ ମୁହମ୍ମଦ[ସ.ଅ]ଙ୍କ ପରେ ଇସଲାମ୍ ଧର୍ମ ଅବୁ ବକରଙ୍କ ଅପେକ୍ଷା ଅଧିକ ଅନ୍ୟ କୌଣସି ବ୍ୟକ୍ତିର କୃତଜ୍ଞତା ପ୍ରକାଶ ନୁହେଁ । ଅର୍ଥାତ ମୁହମ୍ମଦ[ସ.ଅ]ଙ୍କ ପରେ ଅବୁ ବକର[ର.ଅ]ଙ୍କ ଅପେକ୍ଷା ଅଧିକ ଅନ୍ୟ କୌଣସି ବ୍ୟକ୍ତି ଇସଲାମ୍ ଧର୍ମର ସେବା କରି ନାହିଁ ।

**(The Calliph its rise, decline and fall by sir William Muir. p. 86, The religious tract society 1892)**

ହ. ଅବୁ ବକର[ର.ଅ]ଙ୍କ ସୁଗୁଣାବଳୀ ତଥା ଉତ୍ତମ ଚରିତ୍ରବତ୍ତା ସଂପର୍କରେ ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି ଯେ, କ'ଣ ଏହା ସତ୍ୟ ନୁହେଁ ଯେ, ବଡ଼ ବଡ଼ ସମ୍ରାଟମାନେ ହ. ଅବୁ ବକର, ହ. ଉମର୍ ଓ ହ. ଅବୁ ହୁରୈରାହ୍‌ଙ୍କ ନାମ ନେଲାବେଳେ ର.ଅ କହୁଥିଲେ । ସେମାନେ ଏହି ଅଭିଳାଷା କରୁଥିଲେ ଯେ, ଏପରି ହୁଅନ୍ତା କି ଆମମାନଙ୍କୁ ମଧ୍ୟ ଏମାନଙ୍କ ଭଳି ଆଁହଜରତ ସ.ଅଙ୍କ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥାଆନ୍ତା । ପୁନଶ୍ଚ ଆଉ କେହି ଏପରି ବ୍ୟକ୍ତି ଅଛି ଯିଏ ଏହା କହିପାରିବ ଯେ, ହ. ଅବୁ ବକର[ର.ଅ] ଓ ହ. ଉମର୍[ର.ଅ] ଦାରିଦ୍ର୍ୟତା ଭଳି ଜୀବନ ଅତିବାହିତ କରି କିଛି କ୍ଷତି ସହ୍ୟ କରିଥିଲେ ? ନିଃସନ୍ଦେହ ସେମାନେ ସାଂସାରିକ ଦୃଷ୍ଟିରୁ ନିଜ ଉପରେ ଏକ ମୃତ୍ୟୁକୁ ଆସ୍ୱାଦନ କରି ନେଇଥିଲେ । କିନ୍ତୁ ସେହି ମୃତ୍ୟୁ ସେମାନଙ୍କ ପାଇଁ ଏକ ଚିରକାଳ ଜୀବନ ସାବ୍ୟସ୍ତ ହୋଇଥିଲା ଏବଂ ବର୍ତ୍ତମାନ କୌଣସି ଶକ୍ତି ସେମାନଙ୍କୁ ନିହତ କରିପାରିବ ନାହିଁ ଏବଂ ସେମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅମର ହୋଇ ରହିଥିବେ ।

**(କୃତଜ୍ଞତା ଓ ଜରୁରୀ ଘୋଷଣା, ଅନୱାରୁଲ୍ ଉଲୁମ୍, ଭାଗ-2, ପୃ-74)**

ହ. ମୁସ୍‌ଲେହ୍ ମଉଦ୍[ର.ଅ] ପୁନଶ୍ଚ କୁହନ୍ତି ଯେ, ହ. ଅବୁ ବକର[ର.ଅ]ଙ୍କୁ ଅଲ୍ଲାଃତାଲା କେବଳ ଏଇଥିପାଇଁ ଅବୁ ବକର କରି ନଥିଲେ ଯେ, ସେ ସଂଯୋଗ ବଶତଃ ରସୁଲ୍ କରୀମ୍[ସ.ଅ]ଙ୍କ ଯୁଗରେ ଜନ୍ମ ହୋଇ ଯାଇଥିଲେ। ସେଇଥିପାଇଁ ହ. ଉମର୍[ର.ଅ]ଙ୍କୁ ଅଲ୍ଲାଃତାଲା ଉମରର ମର୍ଯ୍ୟାଦା ପ୍ରଦାନ କରିଥିଲେ ଯେ, ସେ ଦୈବାତ୍ ରସୁଲ୍ କରୀମ୍[ସ.ଅ]ଙ୍କ ସମୟରେ ଜନ୍ମ ହୋଇ ଯାଇଥିଲେ । ଅଲ୍ଲାଃତାଲା ଉସ୍‌ମାନ[ର.ଅ] ଓ ଅଲୀ[ର.ଅ]ଙ୍କୁ କେବଳ ଏଇଥି ପାଇଁ ଉସମାନ[ର.ଅ] ଓ ଅଲୀ[ର.ଅ]ର ମର୍ଯ୍ୟାଦା ପ୍ରଦାନ କଲେ ନାହିଁ ଯେ, ସେମାନେ ଆଁହଜରତ[ସ.ଅ]ଙ୍କ ଜ୍ୱାଇଁର ସ୍ତର ବା ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ କିମ୍ବା ତଲହା[ର.ଅ] ଓ ଜୁବେର୍[ର.ଅ]ଙ୍କ କେବଳ ଏଇଥି ପାଇଁ ଯେ, ସେ ଆପଣ[ସ.ଅ]ଙ୍କ ବଂଶ ଅବା ଆପଣ[ସ.ଅ]ଙ୍କ ଜାତିର ଲୋକ ଥିଲେ ଓ ଆପଣ[ସ.ଅ]ଙ୍କ କାଳରେ ଜନ୍ମ ନେଇଥିଲେ, ତାଙ୍କୁ ସମ୍ମାନ ଓ ମାନ ମର୍ଯ୍ୟାଦା ପ୍ରଦାନ କଲେ ନାହିଁ। ବରଂ ଏମାନେ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ନିଜର ବଳିଦାନକୁ ଶୀର୍ଷ ସ୍ତରରେ ପହଞ୍ଚାଇ ଦେଇଥିଲେ କି ଏହାଠୁ ଅଧିକ ମନୁଷ୍ୟ ନିଜର କଳ୍ପନା ଓ ଚିନ୍ତା ଚେତନାରେ ମଧ୍ୟ ଭାବି ନଥିବ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-26, ପୃ-384-385)**

ଅତଃ ଏହି ବଳିଦାନ ହିଁ ମନୁଷ୍ୟକୁ ମର୍ଯ୍ୟାଦାସମ୍ପନ୍ନ କରିବାରେ ସହାୟକ ହୋଇଥାଏ । ପୁନଶ୍ଚ ଅନ୍ୟ ଏକ ସ୍ଥଳେ ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି ଯେ, ହ. ଅବୁ ବକର[ର.ଅ]ଙ୍କ ପ୍ରତି ଆମ ହୃଦୟରେ କେତେକ ସମ୍ମାନ ରହିଛି ? କିନ୍ତୁ କ'ଣ କୌଣସି ବ୍ୟକ୍ତି ଏହା କହି ପାରିବ କି ଏହି ସମ୍ମାନ ସେମାନଙ୍କ ସନ୍ତାନ ଯୋଗୁଁ ହୋଇଛି ? ଆମମାନଙ୍କ ମଧ୍ୟରୁ ଅନେକ ଅଛନ୍ତି ଯେଉଁମାନେ ଏହା ମୂଳରୁ ଜାଣି ନାହାନ୍ତି ଯେ, ହ. ଅବୁ ବକର[ର.ଅ]ଙ୍କ ବଂଶ ପରମ୍ପରା କେଉଁ ପର୍ଯ୍ୟନ୍ତ ଚାଲିଲା ଓ ତାଙ୍କ ବଂଶର ଅବସ୍ଥା ସୁରକ୍ଷିତ ନାହିଁ । ଆଜି ଏପରି ଅନେକ ଲୋକମାନେ ରହିଛନ୍ତି ଯେଉଁମାନେ ନିଜକୁ ହ. ଅବୁ ବକର[ର.ଅ]ଙ୍କ ବଂଶଧର ତଥା ଉତ୍ତରାଧିକାରୀ ରୂପେ ପ୍ରକାଶ କରି ନିଜକୁ ସିଦ୍ଦିକି ବୋଲି ପରିଚୟ ଦିଅନ୍ତି । କିନ୍ତୁ ସେମାନଙ୍କୁ ଯଦି କେହି କୁହେ ଯେ, ତୁମେ ଶପଥ ନିଅ ଯେ, ତୁମେ ପ୍ରକୃତରେ ସିଦ୍ଦିକି ଅଟ ଏବଂ ତୁମର ବଂଶ ପରମ୍ପରା ହ. ଅବୁ ବକର[ର.ଅ]ଙ୍କ ପର୍ଯ୍ୟନ୍ତ ପହଞ୍ଚି ଯାଇଛି କି? ତେବେ ସେମାନେ କଦାପି ଶପଥ ବା ରାଣ ଖାଇବେ ନାହିଁ । ଯଦିବି ଏମାନେ ରାଣ ଖାଇ ବି ନିଅନ୍ତି ତେବେ ଏମାନେ ଆମମାନଙ୍କୁ କହିବେ ଯେ, ଆମେମାନେ କୁଆଡ଼େ ମିଛ କହୁଛୁ ଓ ଆମେମାନେ ବେଇମାନ (ଅବିଶ୍ୱାସୀ) ଅଟୁ । ଏହାର କାରଣ ଏହିକି ଯେ, ହ. ଅବୁ ବକର[ର.ଅ]ଙ୍କ ବଂଶଧରର ଅବସ୍ଥା ସେତେଟା ସୁରକ୍ଷିତ ନାହିଁ ଯେ, ଆଜି କେହି ନିଜକୁ ସଠିକ୍ ରୂପେ ସେମାନଙ୍କ ସହିତ ସମ୍ବନ୍ଧିତ ଏବଂ ସଂଶ୍ଳୀଷ୍ଟ କରିପାରିବ ଓ ସେମାନଙ୍କ ବଂଶଧର ବୋଲି ନିଜକୁ ପରିଚୟ ଦେବ । ସୁତରାଂ ଆମେମାନେ ହ. ଅବୁ ବକର[ର.ଅ]ଙ୍କୁ ଏଇଥି ପାଇଁ କରୁ ନାହୁଁ ଯେ, ତାଙ୍କ ବଂଶର କାର୍ଯ୍ୟ ଅତ୍ୟନ୍ତ ଭବ୍ୟ ଓ ମହାନ ଅଟେ, ସେହିପରି ଆମେମାନେ ହ. ଉମର୍[ର.ଅ]ଙ୍କୁ ଏଇଥିପାଇଁ ସମ୍ମାନ ଜଣାଉ ନାହୁଁ ଯେ, ତାଙ୍କ ବଂଶଧରର କାର୍ଯ୍ୟ ଅତ୍ୟନ୍ତ ଉଚ୍ଚତର କାର୍ଯ୍ୟ ଅଟେ, ସେହିପରି ଆମେମାନେ ହ. ଉସ୍‌ମାନ୍[ର.ଅ]ଙ୍କ ପ୍ରତି ଏଇଥି ପାଇଁ ସମ୍ମାନ ପ୍ରଦର୍ଶନ କରୁ ନାହୁଁ ଯେ, ତାଙ୍କ ବଂଶଧର ସମସ୍ତ ଉନ୍ନତ ମାନର କାର୍ଯ୍ୟ ସମ୍ପାଦନ କରିଛି, ଆମେମାନେ ହ. ଅଲୀ[ର.ଅ]ଙ୍କୁ ଏଇଥିପାଇଁ ସ୍ମରଣ କରୁ ନାହୁଁ ଯେ, ତାଙ୍କର ବଂଶ ପରମ୍ପରାରେ ବିଶିଷ୍ଟ ଗୁଣାବଳୀ ରହିଛି । (ହ. ଅଲୀ[ର.ଅ]ଙ୍କ ବଂଶ ପରମ୍ପରା ଅଦ୍ୟାବଧି ଅବ୍ୟାହତ ରହିଛି କିନ୍ତୁ ତାଙ୍କୁ ଏଇଥିପାଇଁ ସମ୍ମାନ ପ୍ରଦାନ କରାଯାଉ ନାହିଁ ଯେ, ତାଙ୍କର ବଂଶ ବର୍ତ୍ତମାନ ସୁଦ୍ଧା ଅନାହତ ହୋଇ ରହିଛି) । ଅନ୍ୟ ଯେତେ ସାହାବାମାନେ ରହିଥିଲେ ସେମାନଙ୍କ ମଧ୍ୟରୁ କେହି ହେଲେ ଜଣେ ବି ଏପରି ନୁହନ୍ତି ଯାହାଙ୍କୁ ସେହି ବଂଶଧର ହେବା ଯୋଗୁଁ ସ୍ମରଣ କରାଯାଏ । ସୁତରାଂ ବାସ୍ତବତା ଏହିକି ଯେ, ଆମେମାନେ ସେମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ବଳିଦାନ ଯୋଗୁଁ ସ୍ମରଣ କରିଥାଉ ଓ ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଉ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-27, ପୃ-657)**

ହ. ମୁସ୍‌ଲେହ୍ ମଉଦ୍‌ଅ[ର.ଅ] ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି ଯେ, ହ. ଅବୁ ବକର[ର.ଅ]ଙ୍କୁ ଦେଖ ! ଆପଣ[ର.ଅ] ମକ୍କାର ଜଣେ ସାଧାରଣ ବ୍ୟବସାୟୀ ଥିଲେ । ଯଦି ଆଁହଜରତ[ସ.ଅ]ଙ୍କ ଆଗମନ ହୋଇ ନଥାଆନ୍ତା ଏବଂ ମକ୍କାର ଇତିହାସ ଲେଖାଯାଇ ନଥାଆନ୍ତା ତେବେ ଉକ୍ତ ଐତିହାସବିତ୍ ଜଣକ କେବଳ ଏତିକି ଉଲ୍ଲେଖ କରିଥାଆନ୍ତେ ଯେ, ଅବୁ ବକର ଆରବ ଦେଶର ଜଣେ ସାଧୁ ଓ ବିଶ୍ୱସ୍ତ ବ୍ୟବସାୟୀ ଥିଲେ । କିନ୍ତୁ ମୁହମ୍ମଦ ରସୁଲୁଲ୍ଲାଃ[ସ.ଅ]ଙ୍କ ପୂର୍ଣ୍ଣ ଆଜ୍ଞାବହତା ବଳରେ ହ. ଅବୁ ବକର[ର.ଅ]ଙ୍କୁ ସେହି ମର୍ଯ୍ୟାଦା ଏବଂ ଖ୍ୟାତି ପ୍ରାପ୍ତ ହେଲା ଯାହାକି ଆଜି ସମଗ୍ର ବିଶ୍ୱ ତାଙ୍କର ନାମକୁ ସମ୍ମାନପୂର୍ବକ ନେଉଅଛି ।

ଯେତେବେଳେ ଆଁହଜରତ[ସ.ଅ]ଙ୍କର ଅକାଳ ବିୟୋଗ ହେଲା ସେତେବେଳେ ହ. ଅବୁ ବକର[ର.ଅ]ଙ୍କୁ ମୁସଲମାନମାନେ ନିଜର ଖଲିଫା ତଥା ସମ୍ରାଟ ରୂପେ ସ୍ୱୀକାର କଲେ । ସେତେବେଳେ ମକ୍କାରେ ଏହି ସମ୍ବାଦ ପହଞ୍ଚିଲା । ଏକ ସଭାରେ ଅନେକ ଲୋକ ବସିଥିଲେ ଯହିଁରେ ହ. ଅବୁ ବକର[ର.ଅ]ଙ୍କ ପିତାଶ୍ରୀ ଅବୁ କାହାଫା ମଧ୍ୟ ଉପସ୍ଥିତ ଥିଲେ । ସେ ଯେତେବେଳେ ଏହି କଥା ଶୁଣିଲେ ଯେ, ତାଙ୍କର ସୁପୁତ୍ର ହ. ଅବୁ ବକର[ର.ଅ]ଙ୍କ ହସ୍ତରେ ଲୋକମାନେ ବୈଅତ୍ (ଦୀକ୍ଷା) କରିଛନ୍ତି ସେତେବେଳେ ତାଙ୍କ ପକ୍ଷେ ଉକ୍ତ ପ୍ରସଙ୍ଗକୁ ସ୍ୱୀକାର କରିବା ଅସମ୍ଭବପର ହୋଇପଡ଼ିଲା ଏବଂ ସେ ଖବରଦାତାଙ୍କୁ ପଚାରିଲେ, ତୁମେ କେଉଁ ଅବୁ ବକର[ର.ଅ]

ଙ୍କ ଚର୍ଚ୍ଚା କରୁଛ ? ଉକ୍ତ ସମ୍ବାଦ ବାହକ ବ୍ୟକ୍ତି କହିଲା, ମହୋଦୟ ସେହି ଅବୁ ବକର[ର.ଅ] ଯିଏ ଆପଣଙ୍କର ସପୁତ୍ର ଅଟନ୍ତି । ହ. ଅବୁ ବକର[ର.ଅ]ଙ୍କ ପିତାଶ୍ରୀ ଏକ ସଂପ୍ରଦାୟର ନାମୋଚ୍ଚାରଣ କରିବାକୁ ଆରମ୍ଭ କରିଦେଲେ ଏବଂ କହିଲେ କ'ଣ ସେହି ସଂପ୍ରଦାୟ ମଧ୍ୟ ଅବୁ ବକର [ର.ଅ]ଙ୍କର ବୈଅତ୍ କରି ନେଇଛି କି ? ଏହାପରେ ସେ ପୁନଶ୍ଚ ପଚାରିବାକୁ ଲାଗିଲେ ଯେ, ଏ ଯେଉଁ ବଡ଼ ବଡ଼ ସଂପ୍ରଦାୟମାନେ ରହିଛନ୍ତି କ'ଣ ସାମେନେ ବି ଅବୁ ବକର[ର.ଅ]ଙ୍କର ବୈଅତ୍ କରି ନେଇଛନ୍ତି ? ଅବୁ କାହାଫା ପ୍ରତ୍ୟେକ ସଂପ୍ରଦାୟର ନାମ ନେଇ ପଚାରି ଯାଉଥିଲେ ଯେ, ଅମକ ସଂପ୍ରଦାୟ ବୈଅତ୍ କରିଛି କି ? ସୁତରାଂ ଯେତେବେଳେ ଅବୁ କାହାଫାକୁ କୁହାଗଲା ଯେ, ସମସ୍ତ ସଂପ୍ରଦାୟ ହ. ଅବୁ ବକର[ର.ଅ]ଙ୍କୁ ଖଲିଫା ଓ ସମ୍ରାଟ କରି ନେଇଛନ୍ତି ସେତେବେଳେ ଅବୁ କାହାଫା ସହସା କହିବାକୁ ଲାଗିଲେ ଯେ, **ଅଶ୍‌ହଦୁ ଅନ୍ ଲା ଇଲାହା ଇଲ୍ଲଲ୍ଲାଃହୁ ୱ ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ ରସୁଲୁହୁ।** ଅର୍ଥାତ ମୁଁ ସାକ୍ଷ୍ୟ ପ୍ରଦାନ କରୁଅଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ଯୋଗ୍ୟ ନୁହନ୍ତି ଏବଂ ମୁଁ ଏହି ସାକ୍ଷ୍ୟ ଦେଉଅଛି ଯେ, ହ. ମୁହମ୍ମଦ୍[ସ.ଅ] ଅଲ୍ଲାଃତାଲାଙ୍କ ସତ୍ୟ ବାର୍ତ୍ତାବହ ତଥା ଭକ୍ତ ଅଟନ୍ତି । କିନ୍ତୁ ଅବୁ କାହାଫା ବିଳମ୍ବରେ ମୁସଲମାନ ହୋଇଥିଲେ । "ଅବୁ କାହାଫା ମକ୍କା ବିଜୟପରେ କିମ୍ବା ଏହା ପୂର୍ବରୁ ମୁସଲମାନ ହୋଇଯାଇଥିଲେ । ସେ ଯେଉଁ ବାକ୍ୟ ପାଠ କଲେ ଓ ପୁନଃ ସେ ଆଁହଜରତ[ସ.ଅ]ଙ୍କ ଅବତାରତ୍ୱର ଯେଉଁ ସ୍ୱୀକାରୋକ୍ତି ପ୍ରକାଶ କଲେ । ଅର୍ଥାତ ଯେତେବେଳେ ତାଙ୍କର ସୁପୁତ୍ର ହ. ଅବୁ ବକର[ର.ଅ] ଖଲିଫା ହୋଇଥିଲେ ସେତେବେଳେ ସେ ଉପରୋକ୍ତ ବାକ୍ୟ ପୁନଃ ପାଠ କରିଥିଲେ । ସୁତରାଂ ଅବୁ କାହାଫାଙ୍କର ଆଖି ଫିଟିଗଲା ଓ ସେ ଏହା ଭାବିଲେ ଯେ, ଏ ହେଉଛି ଇସ୍‌ଲାମ୍ ଧର୍ମର ସତ୍ୟତାର ବଳିଷ୍ଠ ପ୍ରମାଣ ଅନ୍ୟଥା ମୋ ପୁତ୍ରର କ'ଣ ବା ସ୍ଥିତି ଯେ, ତା' ହସ୍ତରେ ସମଗ୍ର ଆରବବାସୀ ଏକତ୍ରିତ ହୋଇ ଯାଇଥାଆନ୍ତେ ।"

**(ତଫସିର୍ କବିର୍. ଭାଗ-2, ପୃ-87)**

ପୁନଶ୍ଚ ଅନ୍ୟ ଏକ ସ୍ଥଳେ ଆପଣ (ହ. ମୁସ୍‌ଲେହ୍ ମଉଦ୍)[ର.ଅ] କୁହନ୍ତି, ଦେଖ! ସମ୍ରାଟତ୍ୱ କେବଳ ରସୁଲୁଲ୍ଲାଃ[ସ.ଅ]ଙ୍କ ପାଦ ତଳେ ଆସି ପଡ଼ିଯାଇ ନଥିଲା ବରଂ ଆପଣ[ସ.ଅ]ଙ୍କର ସତ୍ୟାନୁରାଗୀ ଦାସମାନଙ୍କର ଚରଣରେ ମଧ୍ୟ ଆସି ପଡ଼ି ଯାଇଥିଲା । କିନ୍ତୁ ଆପଣ[ସ.ଅ]ଙ୍କୁ ଯେତେବେଳେ ସମ୍ରାଟତ୍ୱ ପ୍ରାପ୍ତ ହୋଇ ନଥିଲା ସେତେବେଳେ ମଧ୍ୟ ଆପଣ[ସ.ଅ] ଏହାର (ସମ୍ରାଟ ହେବାର) ଅଭିଳାଷୀ ନଥିଲେ। ଠିକ୍ ସେହିପରି ଯେତେବେଳେ ଆପଣ[ସ.ଅ] ସମ୍ରାଟତ୍ୱର ଅଧିକାରୀ ହେଲେ ସେତେବେଳେ ମଧ୍ୟ ଆପଣ[ସ.ଅ] ଏହାର ଅଭିଳାଷୀ ହୋଇ ନଥିଲେ । ସୁତରାଂ ନା ହ. ଅବୁ ବକର[ର.ଅ] ସମ୍ରାଟତ୍ୱ ହେବାର ଅଭିଳାଷା କଲେ, ନା ହ. ଉମର୍[ର.ଅ] ସମ୍ରାଟତ୍ୱ ହେବାର ଅଭିଳାଷା କଲେ, ନା ହ. ଉସ୍‌ମାନ୍ ର.ଅ ସମ୍ରାଟତ୍ୱ ହେବାର ଅଭିଳାଷା କଲେ ଓ ନା ହିଁ ହ. ଅଲୀ ସମ୍ରାଟ ହେବାର ଅଭିଳାଷା କଲେ । ଏଣୁ ଏହି ଚାରିଜଣଙ୍କ ମଧ୍ୟରେ ଖଲିଫା ହେବାର ଲକ୍ଷଣ ଦେଖିବାକୁ ମିଳୁ ନଥିଲା । କିନ୍ତୁ ସେମାନେ ସଂସାରର ଏପରି ଶକ୍ତିଶାଳୀ ସମ୍ରାଟ ଥିଲେ ଯେ, ଯାହାର ଦୃଷ୍ଟାନ୍ତ ଓ ପଟ୍ଟାନ୍ତର ମଧ୍ୟ ଦେଖିବାକୁ ମିଳୁ ନାହିଁ । ଏମାନଙ୍କର ସ୍ୱଭାବ ଏତେ ସରଳ ଥିଲା, ଏମାନଙ୍କର ସାକ୍ଷାତ୍ କରିବା ଏତେ ସରଳ ଥିଲା, ଏମାନଙ୍କର ମଧ୍ୟରେ ଶିଷ୍ଟତା, ସଭ୍ୟତା, ଶାଳୀନତା ଏତେ ମାତ୍ରାରେ ମିଳୁଥିଲା ଯେ, ପ୍ରକାଶ୍ୟ ରୂପେ ତାହା ଜ୍ଞାତ ହୋଇପାରୁ ନଥିଲା ଯେ, ସେମାନେ ସମ୍ରାଟ ଅଟନ୍ତି ନା ଆଉ କ'ଣ ? ସେମାନଙ୍କ (ଚାରି ଖଲିଫାମାନଙ୍କ) ମଧ୍ୟରୁ କୌଣସି ଜଣେ ମଧ୍ୟ ଏହା କହିଲେ ନାହିଁ ଯେ, ଏହି ଶାସନ ବ୍ୟବସ୍ଥାଟି ମୋ ଶାସନ ବ୍ୟବସ୍ଥା ଅଟେ, ମୁଁ ସମ୍ରାଟ ଅଟେ। ଏମାନଙ୍କ ମଧ୍ୟରେ କେହି ହେଲେ ଜଣେ ବି ଏକଥା କହିବାକୁ ପ୍ରସ୍ତୁତ ହେଲେ ନାହିଁ ଯେ, ସେମାନେ ନିଜ ସମ୍ରାଟତ୍ୱର ପରିପ୍ରକାଶ କରନ୍ତୁ ଓ ନା ହିଁ ସେମାନେ ଏହି କଥାର କେବେ ବି ଅଭିଳାଷା କରୁଥିଲେ । ବାସ୍ତବରେ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ହୋଇଯାଆନ୍ତି ସଂସାର ସ୍ୱୟଂ ସେମାନଙ୍କ ପାଦ ତଳେ ଆସି ପଡ଼ିଯାଇଥାଏ । ଲୋକମାନେ ଏହା ଭାବନ୍ତି ଯେ, ସମ୍ରାଟଙ୍କ ଠାରୁ ସେମାନଙ୍କୁ ସାହାଯ୍ୟ ପ୍ରାପ୍ତ ହେବ, କିନ୍ତୁ ଯେଉଁମାନେ ଅଲ୍ଲାଃତାଲାଙ୍କର ହୋଇଯାଆନ୍ତି ସେହି ସାଧୁ ତଥା ସନ୍ଥ ବ୍ୟକ୍ତିମାନଙ୍କୁ ସମ୍ରାଟମାନେ ହୀନ ବୋଲି ମନେକରନ୍ତି ଏବଂ ସେମାନଙ୍କ ସଂପର୍କରେ ଏହା ଭାବନ୍ତି ଯେ, ସେହି ସାଧୁ ସନ୍ଥ ବ୍ୟକ୍ତିମାନେ ସମ୍ରାଟମାନଙ୍କର ଚାଟୁକାରିତା ଓ ଗୋଲାମି କରିବା ଦ୍ୱାରା ସେମାନଙ୍କୁ (ସାଧୁ-ସନ୍ଥମାନଙ୍କୁ) ସମ୍ମାନ ପ୍ରାପ୍ତ ହେବ ।

**(ଅଲ୍ଲାଃତାଲାଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ କରିବାରେ ହିଁ ଆମମାନଙ୍କର ସଫଳତା ଅନ୍ତର୍ନିହିତ ରହିଛି,ଅନ୍‌ୱାରୁଲ୍ ଉଲୁମ୍, ଭାଗ-21, ପୃ-99)**

ହ. ମୁସଲେହ୍ ମଉଦ୍[ର.ଅ] ପୁନଶ୍ଚ ଅନ୍ୟ ଏକ ସ୍ଥଳେ କୁହନ୍ତି: "ଦେଖ ! ଅବୁ ବକର[ର.ଅ] ସମ୍ରାଟ  ହୋଇଗଲେ । କିନ୍ତୁ ଆପଣ[ର.ଅ]ଙ୍କ ପିତାଶ୍ରୀ ଏହା ଭାବୁଥିଲେ ଯେ, ହ. ଅବୁ ବକର[ର.ଅ]ଙ୍କ ସମ୍ରାଟ ହେବା ଅସମ୍ଭବ କଥା । କାରଣ ହ. ଅବୁ ବକର[ର.ଅ] ଙ୍କୁ ଯେଉଁ ସମ୍ରାଟତ୍ୱ ପ୍ରାପ୍ତ ହୋଇଥିଲା ତାହା ଅଲ୍ଲାଃତାଲାଙ୍କ ତରଫରୁ ହିଁ ପ୍ରାପ୍ତ ହୋଇଥିଲା । ନେପୋଲିୟନ୍ ମଧ୍ୟ ମହାନ ସମ୍ରାଟ ଥିଲା । କିନ୍ତୁ ନେପୋଲିୟନ୍‌କୁ ସମ୍ରାଟ ପଦ ସାଂସାରିକ ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇଥିଲା। ନାଦିର୍ ଶାହ୍ ମଧ୍ୟ ମହାନ ସମ୍ରାଟ ଥିଲା, ତା'କୁ ମଧ୍ୟ ସମ୍ରାଟତ୍ୱ ନିଜ ବ୍ୟକ୍ତିଗତ ପରିଶ୍ରମ ଓ ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇଥିଲା । ସୁତରାଂ ସମ୍ରାଟତ୍ୱ ପଦ ସମସ୍ତଙ୍କୁ ପ୍ରାପ୍ତ ହେଲା, କିନ୍ତୁ ଆମେମାନେ ଏହା କହିବୁ ଯେ, ତୈମୁର୍‌କୁ ସମ୍ରାଟତ୍ୱ ପଦ ଲୋକମାନଙ୍କ ମାଧ୍ୟମରେ ପ୍ରାପ୍ତ ହେଲା । କିନ୍ତୁ ଅବୁ ବକର[ର.ଅ]ଙ୍କୁ ସମ୍ରାଟତ୍ୱ ଅଲ୍ଲାଃତାଲାଙ୍କ ମାଧ୍ୟମରେ ପ୍ରାପ୍ତ ହୋଇଥିଲା ।"

ଆମେ କହୁ ଯେ, ନେପୋଲିୟନ୍‌କୁ ସମ୍ରାଟ ପଦ ସାଂସାରିକ ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇଥିଲା । କିନ୍ତୁ ହ. ଉମର୍[ର.ଅ]ଙ୍କୁ ସମ୍ରାଟ ପଦ ଅଲ୍ଲାଃତାଲାଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ସେହିପରି ଆମେମାନେ ଏହା କହିପାରିବା ଯେ, ଚେଙ୍ଗିଜ୍ ଖାଁକୁ ସମ୍ରାଟ ପଦ ସାଂସାରିକ ମାଧ୍ୟମ ଓ କୌଶଳ ଦ୍ୱାରା ପ୍ରାପ୍ତ ହୋଇଥିଲା । କିନ୍ତୁ ହ. ଉସ୍‌ମାନ୍[ର.ଅ]ଙ୍କୁ ସମ୍ରାଟ ପଦ ଅଲ୍ଲାଃତାଲା ପ୍ରଦାନ କରିଥିଲେ । ଆମେ କହୁ ଯେ, ନାଦିର୍ ଶାହ୍ ସାଂସାରିକ ମାଧ୍ୟମ ତଥା କୌଶଳ ଦ୍ୱାରା ସମ୍ରାଟ ହୋଇଥିଲା। କିନ୍ତୁ ହ. ଅଲୀ[ର.ଅ]ଙ୍କୁ ସମ୍ରାଟତ୍ୱ ଅଲ୍ଲାଃତାଲା ପ୍ରଦାନ କରିଥିଲେ ।

ସୁତରାଂ ସମ୍ରାଟ ପଦବୀ ସମସ୍ତଙ୍କୁ ପ୍ରାପ୍ତ ହୋଇଥିଲା, ସମ୍ରାଟମାନଙ୍କର ମଧ୍ୟ ଦବଦବା (ପ୍ରତିପତ୍ତି) ରହିଥିଲା ଏବଂ ସେମାନଙ୍କ ଦ୍ୱାରା ସ୍ଥାପିତ ଶାସନ ବ୍ୟବସ୍ଥା ପ୍ରଣୟନ ହୋଇଥିଲା ଏବଂ ଖଲିଫାଙ୍କ ଦ୍ୱାରା ମଧ୍ୟ ଶାସନ ବ୍ୟବସ୍ଥା ପ୍ରଣୟନ ହୋଇଥିଲା ତାହା ନୁହଁ । ବରଂ ସାଂସାରିକ ସମ୍ରାଟମାନଙ୍କର ଶାସନ ବ୍ୟବସ୍ଥା ଏବଂ ନିୟମାବଳୀ ହ. ଅବୁ ବକର, ଉମର୍, ଉସ୍‌ମାନ୍ ଓ ହ. ଅଲୀ[ର.ଅ]ଙ୍କ ଅପେକ୍ଷା ଅଧିକ ଭାବରେ ପ୍ରଣୟନ ହୋଇଥିଲା । ଏହି ଚାରିଜଣ ଖଲିଫାମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ଏବଂ ଆଧ୍ୟାତ୍ମିକ ସମ୍ରାଟ ଥିଲେ ଆଉ ଅନ୍ୟ ଦୁଇ ଜଣ ସମ୍ରାଟମାନେ ସାଂସାରିକ କ୍ଷମତା ବଳରେ ଓ ବ୍ୟକ୍ତିଙ୍କ ଦ୍ୱାରା ମନୋନୀତ ହୋଇ ସମ୍ରାଟ ହୋଇଥିଲେ । କହିବାକୁ ଗଲେ ଏହି ଦୁଇ ଜଣ ସମ୍ରାଟ ସାଂସାରିକ ସମ୍ରାଟ ଥିଲେ । ଅତଃ ଆଁହଜରତ[ସ.ଅ] କହିଲେ, ଯେଉଁ ବ୍ୟକ୍ତି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ **ବିସ୍‌ମିଲ୍ଲାଃ** ନପଢେ ତେବେ ତାହାକୁ କଦାପି କଲ୍ୟାଣ ପ୍ରାପ୍ତ ହେବ ନାହିଁ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେହି ବ୍ୟକ୍ତି ନିଜ କାର୍ଯ୍ୟରେ ଅକୃତକାର୍ଯ୍ୟ ହିଁ ରହିଥାଏ ଏବଂ ତାହାକୁ ସେହି ଆଭିପ୍ରାୟିକ ସତ୍‌ଉଦ୍ଦେଶ୍ୟ ଅଲ୍ଲାଃତାଲାଙ୍କ ପକ୍ଷରୁ କଦାପି ପ୍ରାପ୍ତ ହୋଇପାରିବ ନାହିଁ । ଯେଉଁ ସମ୍ରାଟତ୍ୱ ଅଲ୍ଲାଃତାଲାଙ୍କ ମାଧ୍ୟମରେ ପ୍ରାପ୍ତ ହେବାକୁ ଥିଲା ତାହା ହ. ଅବୁ ବକର, ଉମର୍, ଉସ୍‌ମାନ୍ ଏବଂ ଅଲୀ[ର.ଅ]ଙ୍କୁ ହିଁ ପ୍ରାପ୍ତ ହେଲା । ଏମାନଙ୍କ ବ୍ୟତୀତ ଅନ୍ୟ ଲୋକମାନଙ୍କୁ ସେହି ଐଶୀ କଲ୍ୟାଣ ଏବଂ ସମ୍ରାଟତ୍ୱ ପ୍ରାପ୍ତ ହେଲା ନାହିଁ ବରଂ ଶୈତାନ୍ ଠାରୁ ହିଁ ସମ୍ରାଟ ପଦ ପ୍ରାପ୍ତ ହେଲା ଅବା ମନୁଷ୍ୟ ନିକଟରୁ ହିଁ ପ୍ରାପ୍ତ ହେଲା । ଅନ୍ୟଥା ଲେନିନ୍, ଲିଓ ଟଲ୍‌ଷ୍ଟୟ ଓ ମାଲିନୋସ୍କି ଆଦି ବିପ୍ଳବକାରୀମାନେ **ବିସ୍‌ମିଲ୍ଲାଃ** ପଢି ନଥିଲେ ତଥାପି ଏମାନଙ୍କୁ ସମ୍ରାଟତ୍ୱ ଏବଂ ମହାନାୟକ ଉପାଧି କିପରି ପ୍ରାପ୍ତ ହୋଇଥିଲା । ରୁଜ୍‌ଭେଲ୍ଟ୍, ଟ୍ରୁମ୍ୟାନ୍ ଓ ଆଇଜନ୍ ହାୱର୍ ଆଦି ରାଜନୀତିଜ୍ଞ ବିଷାରଦ (ରାଷ୍ଟ୍ରପତି) **ବିସ୍‌ମିଲ୍ଲାଃ** ପଢି ନଥିଲେ । କିନ୍ତୁ ସମ୍ରାଟତ୍ୱ ଏବଂ ମହାନାୟକର ଉପାଧି ଏମାନଙ୍କୁ ମଧ୍ୟ ପ୍ରାପ୍ତ ହେଲା । ସେମାନେ **ବିସ୍‌ମିଲ୍ଲାଃ** ପଢିବା ମଧ୍ୟ ଜାଣନ୍ତି ନାହିଁ ଓ ନା ହିଁ **ବିସ୍‌ମିଲ୍ଲାଃ** ପ୍ରତି ଏମାନଙ୍କ ହୃଦୟରେ କୌଣସି ସମ୍ମାନ ଭାବନା ରହିଛି । ସୁତରାଂ ଯେତେବେଳେ ରସୁଲ୍ କରୀମ୍[ସ.ଅ] କହିଲେ, ଯଦି କୌଣସି କାର୍ଯ୍ୟ ପୂର୍ବରୁ **ବିସ୍‌ମିଲ୍ଲାଃ** ନ ଆବୃତ୍ତି କରାଯାଏ ତେବେ ସେହି କାର୍ଯ୍ୟଟି କଦାପି କଲ୍ୟାଣମୟ ହୋଇ ନଥାଏ ଏବଂ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idrish Khan,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family,
Jamat Ahmadiya Kerang (Odisha)

ତହିଁରୁ କଲ୍ୟାଣ ପ୍ରାପ୍ତ ମଧ୍ଯ ହୋଇ ନଥାଏ । ଏହାର ଅର୍ଥ ଏହା ନୁହେଁ ଯେ, **ବିସ୍ମିଲ୍ଲାଃ** ପଢି ନଥିବା ବ୍ୟକ୍ତିକୁ କିଛି ପ୍ରାପ୍ତ ହୁଏ ନାହିଁ । ବରଂ କହିବାର ତାତ୍ପର୍ଯ୍ୟ ଏହିକିଯେ ତାହାକୁ ଅଲ୍ଲାଃତାଲାଙ୍କ ପକ୍ଷରୁ କେବଳ ଏତିକି ହିଁ ପ୍ରାପ୍ତ ହୋଇଥାଏ ଯାହା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ **ବିସ୍ମିଲ୍ଲାଃ** ପଢିନେବା ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିକୁ ବୁଝିନେବା ଉଚିତ ଯେ, ଅଲ୍ଲାଃତାଲାଙ୍କ ପକ୍ଷରୁ ପ୍ରାପ୍ତ ହେଉଥିବା ପ୍ରତ୍ୟେକ ବସ୍ତୁ ଅଧିକ କଲ୍ୟାଣମୟ ହୋଇଥାଏ ଅବା ଭକ୍ତମାନଙ୍କ ଠାରୁ ପ୍ରାପ୍ତ ହେଉଥିବା ପ୍ରତ୍ୟେକ ବସ୍ତୁ ଅଧିକ କଲ୍ୟାଣମୟ ସାବ୍ୟସ୍ତ ହୋଇଥାଏ । ମନୁଷ୍ୟକୃତ ଯୁକ୍ତି ଏବଂ ଉଦ୍ୟମ ଦ୍ୱାରା ପ୍ରାପ୍ତ ହୋଇଥିବା ସମ୍ରାଟ ଏବଂ ମହାନାୟକ ଭଳି ଉପାଧି ବନ୍ଦ ମଧ୍ଯ ହୋଇଯାଇଥାଏ । କିନ୍ତୁ ଐଶ୍ୱରୀକ ପ୍ରଦତ୍ତ ସମ୍ରାଟତ୍ୱ ଏବଂ ମହାନାୟକତ୍ୱ ଉପାଧି କଦାପି ବନ୍ଦ ହୋଇ ନଥାଏ । ବରଂ ତାହା ଅବ୍ୟାହତ ରହିଥାଏ ।

**ଏପରି ହୁଅନ୍ତା କି ଏହି** ବିସ୍ମିଲ୍ଲାଃ ଶବ୍ଦକୁ ମୁସଲମାନମାନେ ମଧ୍ଯ ବୁଝି ପାରନ୍ତେ। ଅର୍ଥାତ ସେମାନେ **ବିସ୍ମିଲ୍ଲାଃ** ତ' ପଢନ୍ତି ଓ କେବଳ ପ୍ରକାଶ୍ୟ ରୂପେ ନିଜ ପାଟିରୁ ସେହି ଶବ୍ଦ ଉଚ୍ଚାରଣ କରିଥାଆନ୍ତି । କିନ୍ତୁ ମନରୁ ଏହି ଶବ୍ଦକୁ ଉଚ୍ଚାରଣ କରୁ ନାହାନ୍ତି ।

ପୁନଶ୍ଚ ଆପଣ ଅ.ସ ଉଲ୍ଲେଖ କରନ୍ତି ଯେ, ୟଜିଦ୍ ମଧ୍ଯ ଜଣେ ସମ୍ରାଟ ଥିଲା। ସେ କେତେ ଅହଂ ସର୍ବସ୍ୱ ସମ୍ରାଟ ଥିଲା ଏବଂ ନିଜ ବଳ ପାଇଁ ସେ କେତେ ଗର୍ବିତ ହେଉଥିଲା । ସେ ହିଁ ଆଁହଜରତ[ସ.ଅ]ଙ୍କ ବଂଶର ବିନାଶ ସାଧନ କରିଥିଲା। ପ୍ରକାଶ୍ୟ ରୂପେ ସେ ନିଜକୁ ମୁସଲମାନ ଧର୍ମାବଲମ୍ବୀ ଦର୍ଶାଉଥିଲା ସତ କିନ୍ତୁ ସେ ଆଁହଜରତ[ସ.ଅ]ଙ୍କ ବଂଶର ବୀଭତ୍ସ ହତ୍ୟା କରିଥିଲା ଏବଂ ତା'ର ବେକ କେବେ ତଳକୁ ଆନତ ହେଉ ନଥିଲା । ଅତ୍ୟନ୍ତ କ୍ରୁର ଓ ନିର୍ଦ୍ଦୟୀ ଥିଲା । ସେ ଏହା ଭାବୁଥିଲା ଯେ, ମୋ ଆଗରେ କେହି ବି କହିବାର ଦୁଃସାହାସ କରିପାରିବ ନାହିଁ ।

ହ. ଅବୁ ବକର[ର.ଅ] ମଧ୍ଯ ସମ୍ରାଟ ହେଲେ କିନ୍ତୁ ତାଙ୍କ ଠାରେ ବିନୀତତା ଏବଂ ବିନମ୍ରତା ବିଦ୍ୟମାନ ରହିଥିଲା । ଆପଣ[ର.ଅ]କୁହନ୍ତି ଯେ, ମୋତେ ଅଲ୍ଲାଃତାଲା ଲୋକସେବା ନିମନ୍ତେ ନିଯୁକ୍ତ ତଥା ମନୋନୀତ କରିଛନ୍ତ । ଲୋକସେବା କରିବା ପାଇଁ ମୋତେ ଯେତିକି ବି ସମୟ ମିଳିଯାଏ ତାହା ମୋ ପାଇଁ ଏକ ବଡ଼ ଉପାଦେୟ ସାବ୍ୟସ୍ତ ହେବ ।

କିନ୍ତୁ ୟଜିଦ୍ କହୁଥିଲା ଯେ, ମୋ ପିତାଙ୍କ ଠାରୁ ମୋତେ ସମ୍ରାଟତ୍ୱ ପଦ ପ୍ରାପ୍ତ ହୋଇଛି । ତେଣୁ ମୁଁ ଯାହାକୁ ଚାହିଁବି ତାହାକୁ ମୃତ୍ୟୁ ଦଣ୍ଡ ଦେବି ଓ ଯାହାକୁ ଚାହିଁବି ତାହାକୁ ଜୀବିତ ରଖିବି । ପ୍ରକାଶ୍ୟ ରୂପେ ୟଜିଦ୍ ନିଜର ସମ୍ରାଟତ୍ୱ କାଳରେ ହ. ଅବୁ ବକର[ର.ଅ]ଙ୍କ ଠାରୁ ଆଗେଇ ଯାଇଥିଲା । ସେ ନିଜକୁ ବଂଶୀୟ ସମ୍ରାଟ ରୂପେ ଘୋଷଣା କରୁଥିଲା । କାହାର ଏତେ ସାହାସ ଯେ, ସେ ମୋ ନିକଟରେ କିଛି କହିବ । କିନ୍ତୁ ହ. ଅବୁ ବକର[ର.ଅ] କହୁଥିଲେ ଯେ, ମୁଁ ଏତେ ଯୋଗ୍ୟ ନଥିଲି ଯେ, ମୁଁ ସମ୍ରାଟ ହୋଇପାରି ଥାଆନ୍ତି । ମୋତେ ଯାହାକିଛି ବି ପ୍ରାପ୍ତ ହୋଇଛି ତାହା କେବଳ ଅଲ୍ଲାଃତାଲା ହିଁ ପ୍ରଦାନ କରିଛନ୍ତି । ମୁଁ ସ୍ୱଉଦ୍ୟମ ଓ ନିଜସ୍ୱ ସାମର୍ଥ୍ୟ ବଳରେ ସମ୍ରାଟ ହୋଇପାରି ନଥାଆନ୍ତି । ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କର ସେବକ ଅଟେ। ମୁଁ ଦରିଦ୍ର ବ୍ୟକ୍ତିର ସେବକ ଏବଂ ଧନୀ ବ୍ୟକ୍ତିର ମଧ୍ଯ ସେବକ ଅଟେ। ମୋ ଦ୍ୱାରା ଯଦି କୌଣସି ଦୋଷତ୍ରୁଟି ସମ୍ପାଦିତ ହୋଇଯାଏ ତେବେ ଏହି ମୁହୂର୍ତ୍ତରେ ମୋ ଠାରୁ ପ୍ରତିଶୋଧ ନେଇନିଅ । ପ୍ରଳୟ ଦିବସ ଦିନ ମୋ ସମୟ ଅଯଥାରେ ଅପଚୟ (ବର୍ବାଦ୍) କରିବ ନାହିଁ । ଜଣେ ଶ୍ରବଣକାରୀ କହୁଥିବ ଯେ, ଏ କ'ଣ ? ତାହାକୁ ଏକ ନମ୍ବରଦାର (ୱାର୍ଡ଼ ସଭ୍ୟ)ର ମଧ୍ଯ ଯୋଗ୍ୟତା ପ୍ରାପ୍ତ ହୋଇ ନାହିଁ । କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ୟଜିଦ୍‌ର କଥା ଶୁଣୁଥିବ ତେବେ କହିବ ଯେ, ଏକଥାଗୁଡ଼ିକ କୈସର୍ ଓ କିସ୍ରା ସଂପର୍କିତ କଥା ଅଟେ । ଅର୍ଥାତ ସମ୍ରାଟ ସଂପର୍କିତ ଏବଂ ସମ୍ରାଟ ଭଳି କଥାବାର୍ତ୍ତା ୟଜିଦ୍ କରୁଅଛି । କିନ୍ତୁ ହ. ଅବୁ ବକର[ର.ଅ] ଯେତେବେଳେ ମୃତ୍ୟୁ ବରଣ କଲେ ସେତେବେଳେ ତାଙ୍କର ସୁପୁତ୍ର, ତାହାଙ୍କ ପୌତ୍ର ଏବଂ ପ୍ରପୌତ୍ର ଓ ଦ୍ୱିପ୍ରପୌତ୍ରଙ୍କର ପୁତ୍ର ଏବଂ ଆଗାମୀ ବଂଶଧର ମଧ୍ୟରେ ପୌତ୍ର ଓ ପ୍ରପୌତ୍ରର ପ୍ରଶ୍ନ ଉଠୁ ନାହିଁ। ସେମାନେ ସମସ୍ତେ ହ. ଅବୁ ବକର[ର.ଅ]ଙ୍କ ସହିତ ସଂପର୍କ ଥିବାରୁ ନିଜକୁ ଗର୍ବିତ ମନେ କରୁଥିଲେ । ଏମାନଙ୍କୁ ଛାଡ଼ ସେହି ଲୋକମାନେ ଯେଉଁମାନେ ହ. ଅବୁ ବକର[ର.ଅ]ଙ୍କ ଆଡ଼କୁ ନିଜକୁ ଇଙ୍ଗିତ ମଧ୍ଯ କରନ୍ତି ନାହିଁ ଏବଂ ଯେଉଁମାନେ ଆପଣ[ର.ଅ]ଙ୍କ ବଂଶଙ୍କୁ ମଧ୍ଯ କେବେ ଭେଟି ନାହାନ୍ତି, ସେମାନେ ମଧ୍ଯ ଆପଣ[ର.ଅ]ଙ୍କ ଘଟଣାବଳୀ ସଂପର୍କରେ ଯେତେବେଳେ ଅଧ୍ୟୟନ କରନ୍ତି ସେତେବେଳେ ସେମାନଙ୍କର ଚକ୍ଷୁର ଅଶ୍ରୁଧାର ବହିବାକୁ ଲାଗିଥାଏ । ସେମାନଙ୍କର ପ୍ରେମ ସମୁଦ୍ର ଢେଉ ପରି ତରଙ୍ଗାୟିତ ହୁଏ । କୌଣସି ବ୍ୟକ୍ତି ଯଦି ଆପଣ[ର.ଅ]ଙ୍କୁ ଖରାପ ବୋଲି ସମ୍ବୋଧନ କରିଦିଏ ତେବେ ସେମାନଙ୍କର ରକ୍ତ ଉଷ୍ମ ହୋଇ ଉଠେ । ଅତଃ ସନ୍ତାନ ତ' ଦୂରର କଥା ଅଣ ବଂଶୀୟ ତଥା ଅଣସଂପ୍ରଦାୟର ବ୍ୟକ୍ତିମାନେ ମଧ୍ଯ ଆପଣ[ସ.ଅ]ଙ୍କ ଉପରେ ନିଜର ପ୍ରାଣକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି। ପ୍ରତ୍ୟେକ କଲ୍ମା କୁହାଳୀ ଯେତେବେଳେ ଆପଣ[ର.ଅ]ଙ୍କର ନାଁ ଶୁଣନ୍ତି ସେତେବେଳେ ତୁରନ୍ତ ରଜିଅଲ୍ଲାଃ କହିଥାନ୍ତି । କିନ୍ତୁ ଗର୍ବକାରୀ ୟଜିଦ୍ ଯେ ନିଜକୁ ରାଜାଧିରାଜ ଏବଂ ରାଜକୁମର ବୋଲାଇ ଥକିପଡୁ ନଥିଲା, ସେ ଯେତେବେଳେ ମୃତ୍ୟୁବରଣ କଲା ସେତେବେଳେ ତା'ର ସୁପୁତ୍ରକୁ ତା' ସ୍ଥାନରେ ସମ୍ରାଟ ରୂପେ ଆସୀନ କରିଦିଆଗଲା । ଶୁକ୍ରବାର ଦିନ ଯେତେବେଳେ ଆସିଲା ସେତେବେଳେ ମଞ୍ଚ ଉପରେ ସେ ଛିଡ଼ାହେଲା ଏବଂ କହିଲା, ହେ ଲୋକମାନେ! ମୋର ଦଦା ସେତେବେଳେ ସମ୍ରାଟ ହେଲେ ଯେତେବେଳେ ତାହାଙ୍କ ଠାରୁ ଅଧିକ ଯୋଗ୍ୟ ବ୍ୟକ୍ତିମାନେ ସମ୍ରାଟ ହେବା ନିମନ୍ତେ ଦୃଢ ଆଶାୟୀ ଓ ଯୋଗ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସେହିପରି ମୋର ପିତା ସେତେବେଳେ ସମ୍ରାଟ ହେଲେ ଯେତେବେଳେ ତାହାଙ୍କ ଠାରୁ ଅଧିକ ଯୋଗ୍ୟ ଆଶାୟୀ ବ୍ୟିକ୍ତିମାନେ ଉପସ୍ଥିତ ଥିଲେ । ବର୍ତ୍ତମାନ ମୁଁ ମଧ୍ଯ ସମ୍ରାଟ ହୋଇଯାଇଛି । କିନ୍ତୁ ମୋ ଠାରୁ ଅଧିକ ଯୋଗ୍ୟ ବ୍ୟକ୍ତିମାନେ ଉପସ୍ଥିତ ଅଛନ୍ତି । ତେଣୁ ହେ ଲୋକମାନେ ! ମୁଁ ଏହି ଦାୟିତ୍ୱଟିକୁ ବହନ କରିପାରିବି ନାହିଁ । ମୋର ଦଦା ଏବଂ ମୋର ପିତା ଲୋକମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ ତଥା ହଡ଼ପ କରିଛନ୍ତି, ମୁଁ କିନ୍ତୁ ଲୋକମାନଙ୍କର ଅଧିକାର କ୍ଷୁର୍ଣ୍ଣ କରିବାକୁ ପ୍ରସ୍ତୁତ ନାହିଁ । ହେଇଟି ତୁମର ଖିଲାଫତ୍ ଆଉ ତୁମେ ଯାହାକୁ ଚାହୁଁଛ ତାହାକୁ ଉକ୍ତ ଦାୟିତ୍ୱଭାର ଅର୍ପଣ କରିପାର । ମୁଁ ଏଥିପାଇଁ (ଏହି ସିଂହାସନ ନିମନ୍ତେ) ଆଦୌ ଯୋଗ୍ୟ ବ୍ୟକ୍ତି ନୁହଁ କି ମୋର ପିତା ପିତାମହଙ୍କୁ ଏଥି ନିମନ୍ତେ ଯୋଗ୍ୟ ବୋଲି ମନେ କରୁ ନାହିଁ । ସେମାନେ ବଳପୂର୍ବକ ଏବଂ ଅନ୍ୟାୟପୂର୍ବକ ଶାସନ କ୍ଷମତାକୁ ଅକ୍ତିଆର କରିଥିଲେ । ବର୍ତ୍ତମାନ ମୁଁ ସେହି ହିତାଧିକାରୀମାନଙ୍କର ଅଧିକାରକୁ ସେମାନଙ୍କୁ ଫେରସ୍ତ କରିଦେବାକୁ ଚାହୁଁଛି । ଏକଥା କହି ସେ ଘରୁ ଚାଲିଗଲେ । ତା'ର ମା ଯେତେବେଳେ ଏହି ଘଟଣା ଶୁଣିଲା ସେତେବେଳେ କହିଲା, ହଇରେ ମୂର୍ଖ ! ତୁ ନିଜ ପିତାମାତଙ୍କ ମାନ ମହତ୍ ତଳେ ପକାଇ ଦେଲୁ ଓ ପିତାମାତାଙ୍କର ନାକ କାଟିଦେଲୁ । ପ୍ରତ୍ୟୁତ୍ତରରେ ପୁତ୍ର କହିଲା, ମାତା ! ଯଦି ଅଲ୍ଲାଃତାଲା ତୁମକୁ ସଦ୍‌ବୁଦ୍ଧି ଦେଇଛନ୍ତି ତେବେ ତୁମେ ଭାବୁଛ ଯେ ମୁଁ ପିତାମାତଙ୍କ ନାକ କାଟି ଦେଇଛି ତେବେ ତାହା ନୁହେଁ ବରଂ ମୁଁ ତାଙ୍କର ନାକ ଯୋଡ଼ି ଦେଇଛି । ଏହାପରେ ସେ ନିଜ ଘରେ ଏକାନ୍ତବାସ ଗ୍ରହଣ କରି ବସିଗଲା ଏବଂ ଶେଷ ପର୍ଯ୍ୟନ୍ତ ଘରୁ ବାହାରକୁ ବାହାରିଲା ନାହିଁ ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-34, ପୃ-86-88)**

ଅତଃ ଏହି ସମ୍ରାଟତ୍ୱ ଯାହା ଅଲ୍ଲାଃତାଲାଙ୍କ ପକ୍ଷରୁ ପ୍ରାପ୍ତ ହୋଇଥାଏ ତାହାର ମଧ୍ଯ ପ୍ରକୃତ ଦାୟିତ୍ୱ ନିର୍ବାହ କରିବା ଉଚିତ । ଉକ୍ତ କଥାଟି ଆମମାନଙ୍କର ଧର୍ମନେତା ଓ ରାଜନୈତିକ ନେତୃବୃନ୍ଦଙ୍କ ନିମନ୍ତେ ଏକ ଶିକ୍ଷଣୀୟ ଘଟଣା ଅଟେ ।

ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି, "ଇସ୍‌ଲାମ୍ ଧର୍ମରେ ସେବା ଏବଂ ଧର୍ମ ପାଇଁ ବଳିଦାନ ଦେବା ହେତୁ ଆଜି ହ. ଅବୁ ବକର[ର.ଅ]ଙ୍କୁ ଯେଉଁ ମାନ ମର୍ଯ୍ୟାଦ ପ୍ରାପ୍ତ ହୋଇଅଛି ତାହା କ'ଣ ପୃଥିବୀର ବଡ଼ ବଡ଼ ମହାରାଜା ଏବଂ ମହା ପ୍ରତାପୀ ସମ୍ରାଟମାନଙ୍କୁ ପ୍ରାପ୍ତ ହୋଇଛି କି ? ଆଜି ପୃଥିବୀର ସମ୍ରାଟମାନଙ୍କ ମଧ୍ୟରୁ ଜଣେ ହେଲେ କେହି ଏପରି କୌଣସି ସମ୍ରାଟ ନାହାନ୍ତି ଯାହାଙ୍କୁ ଏତେ ମର୍ଯ୍ୟାଦା, ଖ୍ୟାତି ତଥା ଯଶ ପ୍ରାପ୍ତ ହୋଇଥିବ ଯାହା ହ. ଅବୁ ବକର[ର.ଅ]ଙ୍କୁ ପ୍ରାପ୍ତ ହୋଇଥିଲା। ହ. ଅବୁ ବକର[ର.ଅ]ଙ୍କୁ ଛାଡ଼ କୌଣସି ବଡ଼ ବଡ଼ ସମ୍ରାଟମାନଙ୍କୁ ମଧ୍ଯ ଏତେ ମର୍ଯ୍ୟାଦା ପ୍ରାପ୍ତ ହୋଇ ନାହିଁ ଯେତେ ମର୍ଯ୍ୟାଦା ମୁସଲମାନମାନଙ୍କ ନିକଟରେ ହ. ଅବୁ ବକର[ର.ଅ]ଙ୍କ ଦାସମାନଙ୍କୁ ପ୍ରାପ୍ତ ହୋଇଛି । କେବଳ ସେତିକି ନୁହେଁ ବରଂ ବାସ୍ତବତା ଏହିକି ଯେ, ଆମମାନଙ୍କୁ ହ. ଅବୁ ବକର[ର.ଅ]ଙ୍କ କୁକୁର ମଧ୍ଯ ସମ୍ମାନସ୍ପଦ ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ପ୍ରିୟ ମନେହୁଏ । କାରଣ ସେ ମୁହମ୍ମଦ[ସ.ଅ]ଙ୍କ ଦ୍ୱାରର ସେବକ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,
Jamat Ahmadiya Kerang (Odisha)

ହୋଇଗଲା । ତେଣୁ ଯିଏ ହ. ମୁହମ୍ମଦ୍[ସ.ଅ]ଙ୍କ ଦ୍ୱାରର ସେବକ ହୋଇଗଲା ତା'ର ପ୍ରତ୍ୟେକ ବସ୍ତୁ ଆମମାନଙ୍କୁ ପ୍ରିୟ ଲାଗିଥାଏ । ବର୍ତ୍ତମାନ ଏହା ସମ୍ଭବପର ନୁହେଁ ଯେ, କୌଣସି ବ୍ୟକ୍ତି ତାହାଙ୍କ ମର୍ଯ୍ୟାଦାକୁ ଆମ ହୃଦୟରୁ ଅପସାରଣ କରି ନିଶ୍ଚିହ୍ନ କରିଦେବ ।"

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-19, ପୃ-681)**

କିନ୍ତୁ ସେହି ବିରୋଧୀମାନେ ଆମ ଉପରେ ପାଲଟା ଅଭିଯୋଗ କରନ୍ତି ଯେ, **ନାଉଜୁବିଲ୍ଲାଃ** ! ଆମେମାନେ କୁଆଡ଼େ ଆଁହଜରତ[ସ.ଅ]ଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛୁ । କିନ୍ତୁ ଆମମାନଙ୍କର ଏହିପରି ଚିନ୍ତାଧାରା କଦାପି ନୁହଁ ।

ହ. ମୁସ୍‌ଲେହ୍ ମଉଦ୍[ର.ଅ] କୁହନ୍ତି, ହ. ଅବୁ ବକର[ର.ଅ]ଙ୍କ ଜଣେ ସୁପୁତ୍ର ଯେକି ବିଳମ୍ବରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏକଦା ନବୀ କରୀମ୍[ସ.ଅ] ଯେତେବେଳେ ମସ୍‌ଜିଦ୍‌ରେ ବସିଥିଲେ ସେତେବେଳେ ବିଭିନ୍ନ କଥାର ଚର୍ଚ୍ଚା ଚିଲିଥିଲା । କଥା କଥାକେ ହ. ଅବୁ ବକର[ର.ଅ]ଙ୍କ ସୁପୁତ୍ର ତାଙ୍କୁ କହିବାକୁ ଲାଗିଲେ, ପିତାଶ୍ରୀ ! ଅମକ ଯୁଦ୍ଧ ଅବସରରେ ମୁଁ ଏକ ପଥର ପଛରେ ଲୁଚିଥିଲି । ଆପଣ ମୋ ସମ୍ମୁଖରେ ଦୁଇ ଦୁଇ ଥର ଅତିକ୍ରମ କଲେ । ମୁଁ ଯଦି ସେତେବେଳେ ଚାହିଁ ଥାଆନ୍ତି ତେବେ ଆପଣଙ୍କୁ ମାରି ଦେଇ ପାରିଥାଆନ୍ତି । କିନ୍ତୁ ମୁଁ ଏହା ଭାବି ଆପଣଙ୍କ ଉପରକୁ ହାତ ଉଠାଇଲି ନାହିଁ ଯେ, ଆପଣ ମୋର ପିତା ଅଟନ୍ତି । ହ. ଅବୁ ବକର[ର.ଅ] ଏହି କଥା ଶୁଣି କହିଲେ, ପୁତ୍ର ! ମୁଁ ତୁମକୁ ସେତେବେଳେ ଦେଖି ପାରି ନଥିଲି, ଆଉ ମୁଁ ଯଦି ତୁମକୁ ଦେଖି ନେଇ ଥାଆନ୍ତି, ତେବେ ଭାବ ତୁମର କ'ଣ ଅବସ୍ଥା କ'ଣ ହୋଇଥାଆନ୍ତା ? କାରଣ ତୁମେ ଈଶ୍ୱରଙ୍କ ଶତ୍ରୁ ହୋଇ ଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇଥିଲ ତେବେ ମୁଁ ତୁମକୁ ଅବଶ୍ୟ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଦେଇ ଥାଆନ୍ତି ।

**(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-16, ପୃ-621-622)**

ହ. ଅବୁ ବକର[ର.ଅ]ଙ୍କ ଉତ୍ତମ ଚରିତ୍ରବତ୍ତା ସଂପର୍କରେ ହ. ମସିହ୍ ମଉଦ୍[ଅ.ସ] କୁହନ୍ତି ଯେ, ହ. ଅବୁ ବକର[ର.ଅ] ସେହି ବ୍ୟକ୍ତି ଥିଲେ ଯାହାଙ୍କ ସ୍ୱଭାବରେ ପୁଣ୍ୟତାର ତେଲ ଓ ବତୀ ପୂର୍ବରୁ ହିଁ ଉପଲବ୍ଧ ଥିଲା । ଏଣୁ ରସୁଲ୍ କରୀମ୍[ସ.ଅ]ଙ୍କ ପବିତ୍ର ଶିକ୍ଷା ତାହାକୁ ଯଥାଶୀଘ୍ର ପ୍ରଭାବିତ କରି ପ୍ରଜ୍ୱଳିତ କରିଦେଲା । ଆପଣ[ର.ଅ] ଆଁହଜରତ ସ.ଅଙ୍କ ସହିତ କୌଣସି ଯୁକ୍ତି କିମ୍ବା ବିତର୍କ କଲେ ନାହିଁ, ଆପଣ ହୁଜୁର[ସ.ଅ]ଙ୍କ ଠାରୁ କୌଣସି ନିଦର୍ଶନ ମଧ୍ୟ ମାଗିଲେ ନାହିଁ କି କୌଣସି ଚମତ୍କାର ଦେଖାଇବା ପାଇଁ ଦାବି କଲେ ନାହିଁ । ଆଁହଜରତ[ସ.ଅ]ଙ୍କ ଅବତାରତ୍ୱ କଥା ଶୁଣି ତୁରନ୍ତ କେବଳ ଏତିକି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ[ସ.ଅ] ଅବତାରତ୍ୱର ଦାବି କରିଛନ୍ତି ? ଆଁହଜରତ[ସ.ଅ] ଯେତେବେଳେ କହିଲେ, ହଁ ସେତେବେଳେ ସେ କହି ଉଠିଲେ ଯେ, ଆପଣ[ସ.ଅ] ଏକଥାର ସାକ୍ଷୀ ରୁହନ୍ତୁ ଯେ, ମୁଁ ଆପଣ[ସ.ଅ]ଙ୍କ ଉପରେ ସର୍ବ ପ୍ରଥମେ ବିଶ୍ୱାସ ଆଣୁଛି ।

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି : ଏହା ପରୀକ୍ଷା କରାଯାଇଛି ଯେ, ପ୍ରଶ୍ନକର୍ତ୍ତାଙ୍କ ମଧ୍ୟରୁ ଖୁବ୍ ସ୍ୱଳ୍ପ ବ୍ୟକ୍ତିମାନେ ହିଁ ମାର୍ଗଦର୍ଶନ ପ୍ରାପ୍ତ କରିଥାଆନ୍ତି, ସୁଚିନ୍ତାଧାରା ରଖୁଥିବା ବ୍ୟକ୍ତି ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନେ ହିଁ ପୂର୍ଣ୍ଣ ରୂପେ ମାର୍ଗଦର୍ଶନ ପ୍ରାପ୍ତ କରିଥାଆନ୍ତି । ଏହାର ଦୁଇଟି ଉଦାହରଣ ହେଉଛନ୍ତି ହ. ଅବୁ ବକର[ର.ଅ] ଓ ଅବୁ ଜହଲ୍ । ଆଁହଜରତ[ସ.ଅ]ଙ୍କ ଅବତାରତ୍ୱ ଦାବି ପରେ ହ. ଅବୁ ବକର[ର.ଅ] ଆଁହଜରତ[ସ.ଅ]ଙ୍କ ଠାରୁ କୌଣସି ନିଦର୍ଶନ ଭିକ୍ଷା କଲେ ନାହିଁ। କିନ୍ତୁ ହ. ଅବୁ ବକର[ର.ଅ]ଙ୍କୁ ତାହା ପ୍ରାପ୍ତ ଯାହା ନିଦର୍ଶନ ଭିକ୍ଷାକାରୀଙ୍କୁ ମଧ୍ୟ ମିଳି ନଥିବ । ସୁତରାଂ ହ. ଅବୁ ବକର[ର.ଅ] ନିଦର୍ଶନ ପରେ ନିଦର୍ଶନ ଦେଖିଲେ ଏବଂ ଚିରକାଳ ପାଇଁ ସ୍ୱୟଂ ଏକ ମହାନ ନିଦର୍ଶନ ପାଲଟି ଗଲେ । ଏହାର ବିପରୀତ ଅବୁ ଜହଲ୍ ନିଦର୍ଶନ ପରେ ନିଦର୍ଶନ ଦେଖି ଚାଲିଲା ଏବଂ ଯୁକ୍ତି, ତର୍କ, ବିରୋଧ ଏବଂ ନିରକ୍ଷରତା ପ୍ରକାଶ କରି ଆଁହଜରତ[ସ.ଅ]ଙ୍କୁ ବିରୋଧ କରିବାରୁ ନିବୃତ୍ତ ହେଲା ନାହିଁ । ପରିଶେଷରେ ସେ ସ୍ୱୟଂ ଅନ୍ୟମାନଙ୍କ ପାଇଁ ଏକ ଦୃଷ୍ଟାନ୍ତମୂଳକ ନିଦର୍ଶନ ପାଲଟି ନିହତ ହେଲା ।

**(ମଲଫୁଜାତ, ଭାଗ-2, ପୃ-165, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ ମଉଦ୍[ଅ.ସ] ପୁନଶ୍ଚ କୁହନ୍ତି : ମକ୍କାର ଗୋଟିଏ ଭୂମିରେ ହିଁ ହ. ଅବୁ ବକର[ର.ଅ] ଏବଂ ଅବୁ ଜହଲ୍ ଜନ୍ମ ଗ୍ରହଣ କରିଥିଲେ । ସେହି ପବିତ୍ର ପାବନ ଭୂମିରେ ହିଁ ଉର୍ଦ୍ଧ୍ୱକୋଟି ଲୋକମାନେ ଏବଂ ପ୍ରତ୍ୟେକ ବର୍ଗର ତଥା ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆଗତ ଲୋକମାନେ ଏକତ୍ରିତ ହୋଇଥାଆନ୍ତି । ସେହି ପବିତ୍ର ଭୂମିରେ ଉଭୟ ବ୍ୟକ୍ତି ଦ୍ୱୟ ଜନ୍ମ ଗ୍ରହଣ କରିଥିଲେ ଯାହାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ନିଜର ପୁଣ୍ୟାବଳୀ ଏବଂ ସୌଭାଗ୍ୟତା ହେତୁ ମାର୍ଗଦର୍ଶନ ପ୍ରାପ୍ତ କରି ସତ୍ୟବାଦୀ ବ୍ୟକ୍ତିଙ୍କ ପରି ପୂର୍ଣ୍ଣତ୍ୱ ଲାଭ କରିଥିଲେ ଏବଂ ଅନ୍ୟ ବ୍ୟକ୍ତି ଜଣକ ଉପଦ୍ରବ, ମୂର୍ଖତା, ମନ୍ଦ ସ୍ୱଭାବ, ଘୋର ଶତ୍ରୁତା ଏବଂ ସତ୍ୟକୁ ବିରୋଧ କରିବା ଯୋଗୁଁ ମକ୍କା ସହରରେ ପ୍ରଖ୍ୟାତ ଓ ପ୍ରସିଦ୍ଧି ଅର୍ଜନ କରିଥିଲା ।

ମନେରଖ ! ପୂର୍ଣ୍ଣତ୍ୱ ଦୁଇ ପ୍ରକାରର ଅଟେ । **ଏକ ପୂର୍ଣ୍ଣତ୍ୱ ଐଶୀ ପୂର୍ଣ୍ଣତ୍ୱ** ଅଟେ ଏବଂ **ଅନ୍ୟଟି ଶୈତାନୀ ପୂର୍ଣ୍ଣତ୍ୱ** ଅଟେ । ଐଶୀ ପୂର୍ଣ୍ଣତ୍ୱ ପ୍ରାପ୍ତକାରୀ ବ୍ୟକ୍ତିମାନେ ହିଁ ସ୍ୱର୍ଗାଲୋକ ବା ଆକାଶଲୋକରେ ସମ୍ମାନ ଓ ମର୍ଯ୍ୟାଦାର ଅଧିକାରୀ ହୁଅନ୍ତି । ସେହିପରି ଶୈତାନୀ ପୂର୍ଣ୍ଣତ୍ୱ ବ୍ୟକ୍ତି ଶୈତାନୀ ସନ୍ତାନମାନଙ୍କର ମଧ୍ୟରେ ପ୍ରସିଦ୍ଧି ଲାଭ କରିଥାଆନ୍ତି ।

ଅତଃ ଉଭୟ ବ୍ୟକ୍ତିତ୍ୱର ଅଧିକାରୀ ଗୋଟିଏ ସ୍ଥାନରେ ହିଁ ବାସ କରୁଥିଲେ। ଈଶ୍ୱରଙ୍କ ବାର୍ତ୍ତାବହ କୌଣସି ବ୍ୟକ୍ତି ମଧ୍ୟରେ ତାରତମ୍ୟ ପ୍ରଦର୍ଶନ କରି ନଥିଲେ। ଅଲ୍ଲାଃତାଲା ଯାହାକିଛି ଆଁହଜରତ[ସ.ଅ]ଙ୍କୁ ଆଦେଶ ଦେଲେ ତାହାସବୁ ଆଁହଜରତ[ସ.ଅ] ସମାନ ଭାବରେ ସମସ୍ତଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ । କିନ୍ତୁ ହତଭାଗ୍ୟମାନେ ହିଁ ତହିଁରୁ ବଞ୍ଚିତ ରହିଗଲେ ଏବଂ ପୁଣ୍ୟବାନ ସଦାଚାରୀ ବ୍ୟକ୍ତିମାନେ ହିଁ ମାର୍ଗଦର୍ଶନ ପ୍ରାପ୍ତ କରି ପୂର୍ଣ୍ଣତ୍ୱ ଲାଭ କଲେ । ଅବୁ ଜହଲ୍ ଓ ତାହାର ସାଥିମାନେ ଶତାଧିକ ନିଦର୍ଶନ ଦେଖିଲେ ଏବଂ ପ୍ରଭୁଙ୍କର ତେଜ, ପ୍ରତାପ ଅବଲୋକନ ମଧ୍ୟ କଲେ ସତ । କିନ୍ତୁ ତହିଁରୁ ସେମାନେ ଆଦୌ ଉପକୃତ ହେଲେ ନାହିଁ କି ଲାଭବାନ ମଧ୍ୟ ହେଲେ ନାହିଁ ।

**(ମଲଫୁଜାତ୍, ଭାଗ-2, ପୃ-164, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍[ଅ.ସ] ପୁନଶ୍ଚ କୁହନ୍ତି ଯେ, ଦେଖ ! ପବିତ୍ର ସ୍ଥଳୀ ମକ୍କାରେ ଯେତେବେଳେ ଆଁହଜରତ[ସ.ଅ] ଆବିର୍ଭୂତ ହେଲେ ସେତେବେଳେ ଅବୁ ଜହଲ୍ ମଧ୍ୟ ମକ୍କାରେ ଜନ୍ମ ଲାଭ କରିଥିଲା ଏବଂ ହ. ଅବୁ ବକର[ର.ଅ] ମଧ୍ୟ ମକ୍କାରରେ ଜନ୍ମ ଗ୍ରହଣ କରି ସାରିଥିଲା । କିନ୍ତୁ ଅବୁ ବକରଙ୍କ ସ୍ୱଭାବ ସତ୍ୟତାକୁ ସ୍ୱୀକାର କରିବା ସହିତ ଏଭଳି କିଛି ସାମଞ୍ଜସ୍ୟତା ରହିଥିଲା ଯେ, ବର୍ତ୍ତମାନ ଆପଣ ମକ୍କାର[ର.ଅ] ସହରରେ ପ୍ରବେଶ ମଧ୍ୟ କରି ନଥିଲେ କି ମାର୍ଗରେ ହିଁ ଜଣେ ବ୍ୟକ୍ତିକୁ ପଚାରିଲେ ଯେ, କିଛି ନୂଆ ସମ୍ବାଦ ଆଣିଛ ଯଦି କୁହ ! ପ୍ରତ୍ୟୁତ୍ତରରେ ଉକ୍ତ ବ୍ୟକ୍ତି ଜଣକ କହିଲା. ଆଁହଜରତ ସ.ଅ ଅବତାରତ୍ୱର ଦାବି କରିଛନ୍ତି । ଅତଏବ ହ. ଅବୁ ବକର[ର.ଅ] ସେହି ସ୍ଥାନରେ ଏବଂ ସେହି ମୁହୂର୍ତ୍ତରେ ହିଁ ବିଶ୍ୱାସ ନେଇ ଆସିଲେ ଏବଂ କୌଣସି ଚମତ୍କାରମୂଳକ ନିଦର୍ଶନ ପ୍ରଦର୍ଶନ କରିବା ପାଇଁ କହିଲେ ନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ଆପଣ[ର.ଅ] ଅସଂଖ୍ୟ ନିଦର୍ଶନ ଅବଲୋକନ କଲେ ଏବଂ ସ୍ୱୟଂ ଏକ ନିଦର୍ଶନ ପାଲଟି ଗଲେ । କିନ୍ତୁ ଅବୁ ଜହଲ୍ ଶତାଧିକ ନିଦର୍ଶନ ଅବଲୋକନ କରିବା ସତ୍ତ୍ୱେ ମଧ୍ୟ ବିରୋଧ ପ୍ରଦର୍ଶନ କରିବାରୁ ନିବୃତ୍ତ ହେଲା ନାହିଁ ଏବଂ ନିଦର୍ଶନ ଦେଖି ପ୍ରତ୍ୟାଖ୍ୟାନ କରି ଚାଲିଲା ।

ତହିଁରେ ଏକ ରହସ୍ୟ ରହିଥିଲା, ତାହା ଏହିପରି ଯେ, ଉଭୟ ବ୍ୟକ୍ତି ଅର୍ଥାତ ହ. ଅବୁ ବକର[ର.ଅ] ଏବଂ ଅବୁ ଜହଲ୍ ଗୋଟିଏ ସ୍ଥାନରେ ହିଁ ଜନ୍ମ ଗ୍ରହଣ କରିଥିଲେ। କିନ୍ତୁ ଜଣେ ସତ୍ୟବାଦୀ ବ୍ୟକ୍ତି ପାଲଟିଗଲା ଓ ଆଉ ଜଣେ ଯେକି ବ୍ରହ୍ମ ଜ୍ଞାନର ଅଧିକାରୀ ହୋଇ ମଧ୍ୟ ମୂର୍ଖ ଓ କ୍ରୁର ବ୍ୟକ୍ତି ପାଲଟି ଗଲା । ହୁଜୁର[ଅ.ସ] କୁହନ୍ତି, ତହିଁରେ ଏହି ଭେଦ ରହିଥିଲା ଯେ, ହ. ଅବୁ ବକର[ର.ଅ]ଙ୍କ ସ୍ୱଭାବ ସତ୍ୟତାର ସହିତ କୌଣସି ସଂପର୍କ ନଥିଲା ବରଂ ବିଶ୍ୱାସମୂଳକ ପ୍ରସଙ୍ଗ ଉପରେ ହିଁ ଆଧାରିତ ଥିଲା । ଯେତେବେଳେ ଏହି ବିଶ୍ୱାସମୂଳକ ପ୍ରସଙ୍ଗରେ ସାଦୃଶ୍ୟତା ପରିଲକ୍ଷିତ ହୁଏ ସେତେବେଳେ ସେ ସ୍ୱତଃ ଓ ସ୍ୱୟଂ ଜଣେ ଶିକ୍ଷକ (ଆଚାର୍ଯ୍ୟ) ପାଲଟି ଯାଆନ୍ତି ଏବଂ ସତ୍ୟ ଘଟଣା ପ୍ରସଙ୍ଗ ସଂପର୍କିତ ଶିକ୍ଷା ହିଁ ସେମାନେ କେବଳ ପ୍ରଦାନ କରିଥାଆନ୍ତି । ଏହି କାରଣରୁ ସାଦୃଶ୍ୟ ଓ ସମାଞ୍ଜସ୍ୟ ରଖୁଥିବା ବ୍ୟକ୍ତିଙ୍କର ଅସ୍ତିତ୍ୱ ମଧ୍ୟ ଅନ୍ୟମାନଙ୍କ ପାଇଁ ସ୍ୱୟଂ ଏକ ନିଦର୍ଶନ ପାଲଟି ଯାଇଥାଏ ଏବଂ ସେମାନେ ଅନ୍ୟମାନଙ୍କ ପାଇଁ ସ୍ୱୟଂ ଆଦର୍ଶ ବ୍ୟକ୍ତିତ୍ୱରେ ପରିଣତ ହୋଇଯାଆନ୍ତି ।

**(ମଲ୍‌ଫୁଜାତ୍, ଭାଗ-5, ପୃ-11-12, ସଂସ୍କରଣ ବର୍ଷ-1984 ମସିହା)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajjad Khan, S/O- Sultan Ahmad,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang (Odisha)

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ମୋର ପ୍ରଭୁ ମୋ ଉପରେ ଏହା ପ୍ରକାଶ୍ୟ କରିଛନ୍ତି ଯେ, ସତ୍ୟବାଦୀ ହ. ଅବୁ ବକର, ଉମର୍ ଫାରୁକ୍, ଧନବାନ୍ ଏବଂ ନିର୍ଲୋଭ ହ. ଉସ୍‌ମାନ୍[ର.ଅ] ଆଦି ପୁଣ୍ୟବାନ ଓ ବିଶ୍ୱାସକାରୀ ଭକ୍ତ ଓ ଉପାସକ ଥିଲେ ଏବଂ ସେମାନେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେଉଁମାନଙ୍କୁ ଅଲ୍ଲାଃତାଲା ମନୋନୀତ କରି ନେଇଥିଲେ । ଯେଉଁମାନେ ଅଶେଷ ଦୟାମୟ ପ୍ରଭୁଙ୍କ ଦୟା ଦ୍ୱାରା ବିଭୂଷିତ ହୋଇଥିଲେ ଏବଂ ଅନେକ ବିଦ୍ୱାନ୍ ବ୍ୟକ୍ତି ସେମାନଙ୍କ ସୁଗୁଣାବଳୀ ସଂପର୍କରେ ଏବଂ ସେମାନଙ୍କ ସପକ୍ଷରେ ସାକ୍ଷ୍ୟ ପ୍ରଦାନ କରିଥିଲେ।

ସେମାନେ ସର୍ବଶକ୍ତିମାନ ବିଶ୍ୱ ବ୍ରହ୍ମାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜର ମାତୃଭୂମିକୁ ପରିତ୍ୟାଗ କରି ଦେଇଥିଲେ, ପ୍ରତ୍ୟେକ ଯୁଦ୍ଧର ଦାବାନଳରେ ସେମାନେ ଅଂଶ ଗ୍ରହଣ କରି ନିଜକୁ ଝାସ ଦେଇଥିଲେ ଏବଂ ଗ୍ରୀଷ୍ମ ଋତୁର ଦ୍ୱିପ୍ରହରର ପ୍ରଚଣ୍ଡ ତାପରେ ଏବଂ ଶୀତ ଋତୁର ହାଡ଼ଭଙ୍ଗା ଶୀତକୁ ମଧ୍ୟ ଭୃକ୍ଷେପ କଲେ ନାହିଁ । ବରଂ କୈଶୋର ଯୁବକଙ୍କ ପରି ଧର୍ମ ମାର୍ଗରେ ଆଗେଇ ଚାଲିଲେ ଏବଂ ପର ଆପଣା ପ୍ରତି ଆକୃଷ୍ଟ ନହୋଇ ସକଳ ଜଗତର ସ୍ରଷ୍ଟା ଅଲ୍ଲାଃତାଲାଙ୍କ ସକାଶେ ସମସ୍ତଙ୍କୁ ବିଦାୟ ଜଣାଇଲେ । ସେମାନଙ୍କର କର୍ମ ମଧ୍ୟରେ ସେହି ଐଶ୍ୱରୀକ ସୁଗନ୍ଧ ଭର୍ତ୍ତି ହୋଇ ରହିଛି ଯାହାକି ସେମାନଙ୍କର ମର୍ଯ୍ୟାଦାର ଉଦ୍ୟାନରେ ଏବଂ ପୁଣ୍ୟାବଳୀର ଫୁଲ ବଗିଚା ଆଡ଼କୁ ଇଙ୍ଗିତ କରିଥାଏ ଏବଂ ସେମାନଙ୍କର ଶୀତଳ ତଥା ମଳୟ ପବନ ନିଜର ସୁଗନ୍ଧିତ ଝିଙ୍କା ଦ୍ୱାରା ସେମାନଙ୍କ ଗୁପ୍ତ ଭେଦର ସଂପର୍କରେ ସୂଚାନ ପ୍ରଦାନ କରିଥାଏ ଏବଂ ସେମାନଙ୍କର ଆଲୋକ ନିଜର ପୂର୍ଣ୍ଣ ପ୍ରକାଶମାନ ଦ୍ୱାରା ଆମମାନଙ୍କ ଉପରେ ପ୍ରକାଶିତ ହୋଇଥାଏ ।

**(ସିରରୁଲ୍ ଖିଲାଫାର ଅନୁବାଦକ, ପୃ-25-26)**

ହ. ମସିହ୍ ମଉଦ୍[ଅ.ସ] ପୁନଶ୍ଚ କହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଅଲ୍ଲାଃତାଲା ଶୈଖୈନ୍ (ଦୁଇ ବରିଷ୍ଠ ସାହାବା) ଅର୍ଥାତ ହ. ଅବୁ ବକର ଓ ହ. ଉମର୍ ର.ଅ ଏବଂ ତୃତୀୟ ଜୁନ୍ ନୁରୈନ୍ (ଅର୍ଥାତ ଦୁଇ ପ୍ରକାଶଧାରୀ) ହ. ଉସ୍‌ମାନ୍ ଆଦି ପ୍ରତ୍ୟେକଙ୍କୁ ଇସ୍‌ଲାମ୍ ଧର୍ମର ଦ୍ୱାର ଏବଂ ଜୀବଶ୍ରେଷ୍ଠ ହ. ମୁହମ୍ମଦ ସ.ଅଙ୍କ ସୈନ୍ୟବାହିନୀର ପ୍ରତ୍ୟେକ ପ୍ରାରମ୍ଭିକ ସୈନ୍ୟ ଟୁକୁଡ଼ିର ସେନାପତି ଭାବରେ ନିଯୁକ୍ତ ହୋଇଥିଲେ । ସୁତରାଂ ଯେଉଁ ବ୍ୟକ୍ତି ଏହି ତିନିଜଣ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ଏମାନଙ୍କ ପ୍ରତି ଅସମ୍ମାନିତ ଆଚରଣ ପ୍ରଦର୍ଶନ କରେ, ଏମାନଙ୍କ ପ୍ରତି ଅନାଦାର ଭାବ ପ୍ରକାଶ କରେ, ସେମାନଙ୍କର ପ୍ରମାଣକୁ ତୁଚ୍ଛ ମନେକରେ, ସେମାନଙ୍କ ସହିତ ଅଭଦ୍ର ଓ ଅସଭ୍ୟ ଆଚରଣ ପ୍ରଦର୍ଶନ କରେ, ସେମାନଙ୍କୁ ନିନ୍ଦା ଓ ଅପବାଦ ଦିଏ ତେବେ ମୁଁ ତାହାର ଶେଷ ପରିଣତି ଅତ୍ୟନ୍ତ ଶୋଚନୀୟ ଏବଂ ବିଶ୍ୱାସ ଛିନ୍ନ ହୋଇଯିବାର ଆଶଙ୍କା କରୁଛି ।

ଯେଉଁମାନେ ସେମାନଙ୍କୁ ଦୁଃଖ କଷ୍ଟ ଦେଲେ, ସେମାନଙ୍କ ଉପରେ ଦୋଷାରୋପ, ଲାଞ୍ଛନା ପ୍ରଭୃତି ଲଗାଇଲେ ତେବେ ଏହିଭଳି ଆଚରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କର ହୃଦୟ କ୍ରୁର ଏବଂ ଅଶେଷ ଦୟାବାନ ପ୍ରଭୁଙ୍କ କ୍ରୋଧର କାରଣ ହୋଇଗଲା ଏବଂ ସେମାନଙ୍କୁ ପ୍ରଭୁଙ୍କ କୋପର ଶିକାର ହେବାକୁ ପଡ଼ିଥିଲା । ମୋର ଏହି ଅଭିଜ୍ଞତା ରହିଛି ଏବଂ ସ୍ପଷ୍ଟ ରୂପେ ମୁଁ ଏହା ପରିପ୍ରକାଶ କରି ସାରିଛି ଯେ, ସେହି ସୟେଦ ବଂଶୀୟ ବ୍ୟକ୍ତିଙ୍କ ପ୍ରତି ବୈରାଗ୍ୟ ଏବଂ ଈର୍ଷା ପ୍ରଦର୍ଶନ କରିବା ଦ୍ୱାରା କଲ୍ୟାଣ ପ୍ରଦର୍ଶନକାରୀ ପ୍ରଭୁଙ୍କ ଠାରୁ ସଂପର୍କ ଛିନ୍ନ ହେବାର ମୁଖ୍ୟ କାରଣ ହେବ । ଯେଉଁ ବ୍ୟକ୍ତି ଏମାନଙ୍କ ପ୍ରତି ଶତ୍ରୁତା ଏବଂ ବୈରାଗ୍ୟମୂଳକ ଆଚରଣ ପ୍ରଦର୍ଶନ କଲା ତେବେ ସେ ପରିପ୍ରେକ୍ଷୀରେ ଏଭଳି ବ୍ୟକ୍ତିଙ୍କ ଉପରେ ଦୟା, କୃପା ଏବଂ ଅନୁକମ୍ପାର ସମସ୍ତ ମାର୍ଗ ରୁଦ୍ଧ (ବନ୍ଦ) କରିଦିଆଯିବ ଏବଂ ଏହିଭଳି ବିରୁଦ୍ଧାଚାରଣ ପ୍ରଦର୍ଶନ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଜ୍ଞାନ ଓ ଗୁଣର ଦ୍ୱାର ଆଦୌ ଉନ୍ମୁକ୍ତ କରାଯିବ ନାହିଁ ।

**(ସିରରୁଲ୍ ଖିଲାଫାର ଅନୁବାଦକ, ପୃ-28-29)**

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ତୁମେମାନେ ଏହିଭଳି ପୁଣ୍ୟବାନ ବ୍ୟକ୍ତିଙ୍କ ଉପରେ କିପରି ଅଭିଶାପ ପକାଇବା ପାଇଁ ଦୁଃସାହସ କରୁଛ ଯାହାଙ୍କ ଦାବିଙ୍କୁ ଅଲ୍ଲାଃତାଲା ପ୍ରମାଣିତ କରିଦେଇଛନ୍ତି । କେତେକ ଲୋକମାନେ ଏବଂ ଗୋଷ୍ଠୀମାନେ ମଧ୍ୟ ହ. ଅବୁ ବକର[ର.ଅ]ଙ୍କ ପାଇଁ ଏଭଳି ମନ୍ଦ ଏବଂ ଅପଶବ୍ଦ ବ୍ୟବହାର କରୁଛନ୍ତି ଯାହାକି ଆଦୌ ସମୀଚୀନ ନୁହେଁ । ସେ (ହ. ଅବୁ ବକ[ର.ଅ]) ହିଁ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବାରୁ ତାହାଙ୍କୁ ପ୍ରଭୁ ସାହାଯ୍ୟ ଓ ସମର୍ଥନର ନିଦର୍ଶନ ଅବଲୋକନ କରାଇଥିଲେ ଏବଂ କୁପରିଣାମ ଦର୍ଶୀମାନଙ୍କର ସମସ୍ତ ଯୋଜନା ଓ କୁମନ୍ତ୍ରଣାକୁ ପଣ୍ଡ କରି ଦେଇଥିଲେ । ଇସ୍‌ଲାମ୍ ଧର୍ମକୁ ପରାଜିତ ଏବଂ ପରାହତ କରୁଥିବା ବିପତ୍ତି ଏବଂ ପରୀକ୍ଷା ଓ ନଇବଢିରୁ ହ. ଅବୁ ବକର[ର.ଅ] ଉଦ୍ଧାର କରିଥିଲେ ଏବଂ ଫଁ ଫଁ ଗର୍ଜନ କରୁଥିବା ଅଜଗର ସର୍ପ (ବିରୋଧୀ, ଅବିଶ୍ୱାସକାରୀଙ୍କ) ର ସଂହାର କରିଥିଲେ । ହ. ଅବୁ ବକର[ର.ଅ] ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ କଲେ ଏବଂ ସକଳ ଜଗତର ପାଳନକର୍ତ୍ତାଙ୍କ କୃପା ବଳରେ ପ୍ରତ୍ୟେକ ମିଥ୍ୟାବାଦୀଙ୍କୁ ପରାସ୍ତ ଏବଂ ଅକୃତକାର୍ଯ୍ୟ କରିଦେଲେ । ହୁଜୁର[ଅ.ସ] କୁହନ୍ତି, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ]ଙ୍କର ମୁସଲମାନମାନଙ୍କ ଉପରେ ଅସଂଖ୍ୟ ଏବଂ ଅଗଣିତ କଲ୍ୟାଣ ଏବଂ ଉପକାର ରହିଛି । ଏହି କଥାକୁ ସେହି ବ୍ୟକ୍ତି ହିଁ ଅସ୍ୱୀକାର ଏବଂ ପ୍ରତ୍ୟାଖ୍ୟାନ କରିପାରିବ ଯେକି ପରମ ଅନ୍ୟାୟୀ ତଥା ସୀମା ଲଂଘନକାରୀ ବ୍ୟକ୍ତି ଅଟେ ।

ଅଲ୍ଲାଃତାଲା ଯେଉଁଭଳି ଭାବରେ ଆପଣ[ର.ଅ]ଙ୍କୁ ବିଶ୍ୱାସାକାରୀଙ୍କ ପାଇଁ ଶାନ୍ତିର କାରଣ ଏବଂ ବିଧର୍ମୀ ଧର୍ମଦ୍ରୋହୀ ଅବିଶ୍ୱାସକାରୀଙ୍କ ଅଗ୍ନୀକୁ ପ୍ରଶମିତକାରୀ ବ୍ୟକ୍ତି ରୂପେ ପ୍ରସ୍ତୁତ କଲେ, ଠିକ୍ ସେହିଭଳି ସେ ଆପଣ[ର.ଅ]ଙ୍କୁ ପ୍ରାଥମିକ ଶ୍ରେଣୀର ପବିତ୍ର କୁରଆନ୍ କରୀମ୍‌ର ସମର୍ଥକ ଏବଂ ସେବକ ଓ ଅଲ୍ଲାଃତାଲାଙ୍କ ପବିତ୍ର ସ୍ପଷ୍ଟ ତଥା ଜ୍ୱଳନ୍ତ ନିଦର୍ଶନମୂଳକ ଧର୍ମ ଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶକ, ଏକତ୍ରକାରୀ ବ୍ୟକ୍ତି ରୂପେ ରୂପାନ୍ତରିତ କରିଥିଲେ । ଅତଏବ ଆପଣ[ର.ଅ] ପବିତ୍ର କୁର୍‌ଆନ୍ କରୀମ୍ ଏକତ୍ରିତ କରିବା ଏବଂ ଅଶେଷ ଦୟାବାନ ପରମେଶ୍ୱରଙ୍କ ପ୍ରିୟତମ ଅବତାରଙ୍କ ପକ୍ଷରୁ ବର୍ଣ୍ଣିତ ପବିତ୍ର କୁରଆନର କ୍ରମକୁ ସନ୍ଧାନ କରିବାରେ ନିଜର ସକଳ ଉଦ୍ୟମକୁ ବିନିଯୋଗ କରି ଦେଇଥିଲେ ଏବଂ ଧର୍ମର ଜରାଜୀର୍ଣ୍ଣ ଓ ଦୁଃଖାବସ୍ଥାରେ ଜଣେ ସାନ୍ତ୍ୱନାକାରୀ ବ୍ୟକ୍ତି ପରି ସମବେଦନା ପ୍ରକାଶ କରି ତାଙ୍କ ଚକ୍ଷୁରୁ ଝରଣାର ଝରି ଯାଉଥିବା ଜଳ ପରି ଅନବରତ ଅଶ୍ରୁ ଲୋତକାପ୍ଳୁତ ହୋଇଯାଉଥିଲା ।

**(ସିରରୁଲ୍ ଖିଲାଫାର ଅନୁବାଦକ, ପୃ-57-58)**

ହ. ମସିହ୍ ମଉଦ୍[ଅ.ସ] ପୁନଶ୍ଚ କୁହନ୍ତି: "ଶିୟା ସଂପ୍ରଦାୟର କେତେକ ଲୋକମାନେ ଏହି ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ଶତ୍ରୁ ପକ୍ଷର ବହୁଳତା ଦିନମାନଙ୍କରେ ବିଶ୍ୱାସ ଆଣିଥିଲେ । ଶିୟା ସଂପ୍ରଦାୟର ଲୋକମାନେ ଏହି ସ୍ୱୀକାରୋକ୍ତି ମଧ୍ୟ ପ୍ରକାଶ କରନ୍ତି ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର[ର.ଅ] ପ୍ରାରମ୍ଭିକ ଘଡ଼ିସନ୍ଧି ମୁହୂର୍ତ୍ତରେ ହ. ମୁହମ୍ମଦ୍[ସ.ଅ]ଙ୍କର ସାହଚର୍ଯ୍ୟତ୍ୱ ଅବଲମ୍ବନ କଲେ ଏବଂ ରସୁଲୁଲ୍ଲାଃ[ସ.ଅ] ଯେତେବେଳେ ମକ୍କାରୁ ପ୍ରସ୍ଥାନ କଲେ ସେତେବେଳେ ମଧ୍ୟ ପୂର୍ଣ୍ଣ ସତ୍ୟବାଦୀତା ଏବଂ ପବିତ୍ରତା ତଥା ନିର୍ମଳତାର ସହିତ ହୁଜୁର[ସ.ଅ]ଙ୍କର ସାହଚର୍ଯ୍ୟତାରେ ପ୍ରସ୍ଥାନ କରିଥିଲେ । ଆପଣ[ର.ଅ] ଦୁଃଖ, କଷ୍ଟ ସହ୍ୟ କଲେ ଏବଂ ପରିଚତ ମାତୃଭୂମି ଏବଂ ଆତ୍ମୀୟ ସ୍ୱଜନ ତଥା ବନ୍ଧୁ ବାନ୍ଧବ, ସମଗ୍ର ବଂଶକୁ ପରିତ୍ୟାଗ କରିଦେଇ ପ୍ରିୟ ଈଶ୍ୱର ଏବଂ ତାହାଙ୍କ ବାର୍ତ୍ତାବହଙ୍କ ସାହଚର୍ଯ୍ୟତ୍ୱକୁ ଆପଣାଇ ନେଇଥିଲେ । ପୁନଶ୍ଚ ପ୍ରତ୍ୟେକ ଯୁଦ୍ଧରେ ଆପଣ[ର.ଅ] ସାମିଲ୍ ହେଲେ, ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧ କଲେ ଏବଂ ସର୍ବାଧିକ ପ୍ରଶଂସିତ ମନୋନୀତ ଅବତାର ହ. ମୁହମ୍ମଦ[ସ.ଅ]ଙ୍କୁ ସାହାଯ୍ୟ କଲେ । ଆପଣ[ସ.ଅ] ସେତେବେଳେ ଖଲିଫା ହେଲେ ଯେତେବେଳେ କପଟ ବିଶ୍ୱାସୀମାନଙ୍କର ଏକ ଗୋଷ୍ଠୀ ବିଦ୍ରୋହ କରିଥିଲା ଏବଂ ଅନେକ ମିଥ୍ୟାବାଦୀ ବ୍ୟକ୍ତିମାନେ ଅବତାରତ୍ୱର ଦାବି କଲେ । ଫଳତଃ ଆପଣ[ର.ଅ] ସେମାନଙ୍କ ସହିତ ଯୁଦ୍ଧ କରି ବିଦ୍ରୋହକୁ ଦମନ କଲେ, ଏପର୍ଯ୍ୟନ୍ତକି ଦେଶରେ ପୁନଃ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ହୋଇଗଲା ଏବଂ ଉପଦ୍ରବକାରୀମାନଙ୍କର ଗୋଷ୍ଠୀ ଅକୃତକାର୍ଯ୍ୟ ହୋଇଗଲା ।"

ପୁନଶ୍ଚ ଆପଣ[ର.ଅ]ଙ୍କ ବିୟୋଗ ହେଲା ଏବଂ ସମସ୍ତ ଅବତାରମାନଙ୍କର ଶ୍ରେଷ୍ଠ ଏବଂ ନିରୀହ ଲୋକଙ୍କର ଧର୍ମାଧ୍ୟକ୍ଷ ହ. ମହମ୍ମଦ୍[ସ.ଅ]ଙ୍କ କବର ପାର୍ଶ୍ୱରେ ଆପଣ[ର.ଅ]ଙ୍କୁ କବର ଦିଆଗଲା । ଏହିପରି ଭାବରେ କହିବାକୁ ଗଲେ ଆପଣ[ର.ଅ] ଅଲ୍ଲାଃତାଲାଙ୍କର ପ୍ରିୟତମ ବାର୍ତ୍ତାବହ ଆଁହଜରତ[ସ.ଅ]ଙ୍କ ଠାରୁ ନା ଜୀବିତାବସ୍ଥାରେ ପୃଥକ ହେଲେ ଓ ନା ହିଁ ବିୟୋଗ ପରେ । ଅର୍ଥାତ ସ୍ୱଳ୍ପ କାଳ ବିରହ ରହିବା ପରେ ଶେଷରେ ବିୟୋଗ ପରେ ସ୍ୱର୍ଗାଲୋକରେ ପରସ୍ପରକୁ ଭେଟିଲେ ଏବଂ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ ।ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kerang (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family,
Jamat Ahmadiya Kerang (Odisha)

ପରସ୍ପରକୁ ପ୍ରେମ ଅଭିବାଦନ ଜଣାଇଲେ । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟକର କଥା ଯେ, ଆପତ୍ତିକାରୀଙ୍କ କଥନ ଅନୁଯାୟୀ ଅଲ୍ଲାଃତାଲା ନବୀଶ୍ରେଷ୍ଠ[ସ.ଅ]ଙ୍କ ସମାଧିକୁ ଓ ଦୁଇ ଅବିଶ୍ୱାସକାରୀ, ପରର ଅଧିକାରକୁ ହଡ଼ପ କରିଥିବା ବ୍ୟକ୍ତିମାନଙ୍କୁ ଏବଂ ବିଶ୍ୱାସଘାତକାରୀଙ୍କ ମଧ୍ୟରେ ଏକତ୍ରିତ କରିଦେଲେ ଏବଂ ନିଜର ପ୍ରିୟ ନବୀ[ସ.ଅ] ଏବଂ ପ୍ରିୟତମଙ୍କୁ ସେମନାଙ୍କର ପ୍ରତିବେଶୀଦ୍ୱର ନିର୍ଯାତନା ଦେଇ ମୋକ୍ଷ ପ୍ରଦାନ କଲେ ନାହିଁ । ବରଂ ଦୁହିଁଙ୍କୁ ଇହକାଳ ଏବଂ ପରକାଳରେ ଆପଣ ସ.ଅଙ୍କ ପୀଡ଼ା ପ୍ରଦାନକାରୀ ସାଥି କରିଦେଲେ ଏବଂ **ନାଉଜୁବିଲ୍ଲାଃ** ଏହି ଦୁଇ ଜଣ ଅପବିତ୍ରଙ୍କୁ ଆଁହଜରତ[ସ.ଅ]ଙ୍କ ଠାରୁ ଦୂରୀଭୂତ କଲେ ନାହିଁ । ଆମର ପାଳନକର୍ତ୍ତା ସେମାନଙ୍କ (ଆପତ୍ତିକାରୀଙ୍କ) ଦ୍ୱାରା ବର୍ଣ୍ଣିତ କଥନରୁ ପବିତ୍ର ଅଟନ୍ତି । ଯେଉଁ ଲୋକମାନେ ଏଭଳି ମନ୍ତବ୍ୟ ପ୍ରଦାନ କରୁଛନ୍ତି ସେମାନେ ଭୁଲ କହୁଛନ୍ତି । ଅର୍ଥାତ ସେହି ଲୋକମାନେ ହ. ଅବୁ ବକର ଏବଂ ହ. ଉମର[ର.ଅ]ଙ୍କ ସଂକ୍ରାନ୍ତରେ ଯେଉଁ ମନ୍ତବ୍ୟ ପ୍ରଦାନ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । ବରଂ ଅଲ୍ଲାଃତାଲା ଉଭୟଙ୍କୁ ଅର୍ଥାତ ହ. ଅବୁ ବକର ଏବଂ ହ. ଉମର[ର.ଅ]ଙ୍କୁ ପବିତ୍ର ବ୍ୟକ୍ତିମାନଙ୍କର ଧର୍ମାଧକ୍ଷ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ମିଶାଇ ଦେଲେ । ନିଃସନ୍ଦେହ ତହିଁରେ ଚକ୍ଷୁଷ୍ମାନ ବ୍ୟକ୍ତିଙ୍କ ନିମନ୍ତେ ଏକ ଜ୍ୱଳନ୍ତ ନିଦର୍ଶନ ରହିଛି ।

**(ସିରରୁଲ୍ ଖିଲାଫାର ଅନୁବାଦକ, ପୃ-72-73)**

ପୁନଶ୍ଚ ଆପଣ[ଅ.ସ] ବିଦ୍ୱେଷୀ ଶିୟାମାନଙ୍କ ସଂପର୍କରେ କୁହନ୍ତି ଯେ, ଯଦି ବିଦ୍ୱେଷକାରୀ ଶିୟାମାନଙ୍କୁ ଏକଥା ପଚରାଯାଏ ଯେ, ବିରୋଧୀ ଅବଜ୍ଞାକାରୀମାନଙ୍କର ଗୋଷ୍ଠୀରୁ ବହିର୍ଭୂତ ହୋଇ ସାବାଳକ ପୁରୁଷମାନଙ୍କ ମଧ୍ୟରୁ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀ ପ୍ରଥମ ବ୍ୟକ୍ତି କିଏ ଥିଲା ? ତେବେ ସେମାନେ ନିର୍ଦ୍ୱନ୍ଦ୍ୱରେ କୁହନ୍ତି ଯେ, ସେହି ବ୍ୟକ୍ତି ଅର୍ଥାତ ସର୍ବ ପ୍ରଥମ ବିଶ୍ୱାସ ଆଣିଥିବା ବ୍ୟକ୍ତି ହେଉଛନ୍ତି ହ. ଅବୁ ବକର[ର.ଅ]।

ପୁନଶ୍ଚ ସେହି ବିରୋଧୀ ଆପତ୍ତିକାରୀଙ୍କୁ ଯେତେବେଳେ ଏକଥା ପଚାରାଯାଏ ଯେ, କିଏ ସେହି ବ୍ୟକ୍ତି ଯିଏ ସର୍ବ ପ୍ରଥମେ ନବୀ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ପ୍ରବାସ କଲା ଏବଂ ସମସ୍ତ ସଂପର୍କକୁ ପଛକୁ ଫିଙ୍ଗି ଦେଇ (ପାସୋରି ଦେଇ) ସେଠାରୁ ଚାଲିଗଲା ଯେଉଁଠି ଆଁହଜରତ[ସ.ଅ] ଯାଇଥିଲେ । ସେହି ଲୋକମାନଙ୍କ ପାଇଁ ଆଉ କୌଣସି ଉପାୟ ନାହିଁ ଯେ, ସେମାନେ ଏହା କହିବେ ଯେ, ସେହି ବ୍ୟକ୍ତି ହ. ଅବୁ ବକର[ର.ଅ] ହିଁ ଅଟନ୍ତି । ପୁନଶ୍ଚ ଯେତେବେଳେ ସେମାନଙ୍କୁ ଏହା ପଚରାଯାଏ ଯେ, ଯଦି ଧରିନିଆଯାଏ ଯେ, **ନାଉଜୁବିଲ୍ଲାଃ** ହ. ଅବୁ ବକର[ର.ଅ] ପରର ଅଧିକାର ହଡ଼ପ କରି ନେଇଛନ୍ତି । କିନ୍ତୁ କିଏ ସେହି ବ୍ୟକ୍ତି ଯିଏ ସର୍ବ ପ୍ରଥମେ ଖଲିଫା ହୋଇଥିଲା ? ତେବେ ନିର୍ଦ୍ୱନ୍ଦ୍ୱରେ ସେମାନେ କହିବେ ଯେ, ସର୍ବ ପ୍ରଥମ ଖଲିଫା ହେଉଛନ୍ତି ହ. ଅବୁ ବକର[ର.ଅ] । ପୁନଶ୍ଚ ସେହି ବିରୋଧୀ ଆପତ୍ତିକାରୀଙ୍କୁ ଯେତେବେଳେ ପ୍ରଶ୍ନ କରାଯାଏ ଯେ, କିଏ ସେ ବ୍ୟକ୍ତି ଯାହାକୁ ନବୀ ଶ୍ରେଷ୍ଠ ଏବଂ ନିରୀହ ଲୋକମାନଙ୍କର ଅଧିପତି ନବୀ[ସ.ଅ]ଙ୍କ ପାର୍ଶ୍ୱରେ କାହାଙ୍କୁ କବର ଦିଆଯାଇଥିଲା ? ସେତେବେଳେ ସେମାନଙ୍କ ନିକଟରେ ଏହି ଉତ୍ତର ଛଡ଼ା ଆଉ କିଛି ନାହିଁ ଯେ, ହ. ଅବୁ ବକର[ର.ଅ] । ସୁତରାଂ କେଡ଼େ ଆଶ୍ଚର୍ଯ୍ୟକର କଥା ଯେ, ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା କରୁଛି ଯେ, ପ୍ରତ୍ୟେକ ପ୍ରକାରର ପ୍ରଧାନ୍ୟତା ଅବିଶ୍ୱାସକାରୀମାନଙ୍କୁ ଏବଂ କପଟବିଶ୍ୱାସୀମାନଙ୍କୁ ପ୍ରଦାନ କରାଗଲା ଏବଂ ଇସ୍‌ଲାମ୍ ଧର୍ମର ସମସ୍ତ ଶୁଭ ଓ ଲାଭ ତଥା କଲ୍ୟାଣ ଶତ୍ରୁଙ୍କ ହସ୍ତରୁ ପ୍ରକାଶିତ ହୋଇଥିଲା ?

କ'ଣ କୌଣସି ବିଶ୍ୱାସକାରୀ ବ୍ୟକ୍ତି ଏକଥା ସ୍ୱପ୍ନରେ ସୁଦ୍ଧା ଭାବି ପାରିବ ଯେ, ସେହି ବ୍ୟକ୍ତି ଯିଏ ଇସ୍‌ଲାମ୍ ଧର୍ମ ପାଇଁ ପ୍ରଥମ ଇଟା ଥିଲା ସେ **ନାଉଜୁବିଲ୍ଲାଃ** ଅବିଶ୍ୱାସକାରୀ ଏବଂ ଅଭିଶପ୍ତ ବ୍ୟକ୍ତି ଅଟେ । ପୁନଶ୍ଚ ସେହି ବ୍ୟକ୍ତି ଯେକି ନବୀ ଶ୍ରେଷ୍ଠ ନବୀ ଶିରୋମଣି ଏବଂ ଅବତାରମାନଙ୍କର ଗର୍ବ ଓ ଗୌରବ ହ. ମୁହମ୍ମଦ[ସ.ଅ]ଙ୍କ ସହିତ ସର୍ବ ପ୍ରଥମେ ପ୍ରବାସ କରିଥିଲା, ସେ **ନାଉଜୁବିଲ୍ଲାଃ** ଜଣେ ଅବିଶ୍ୱାସକାରୀ ଏବଂ ଧର୍ମଦ୍ରୋହୀ ବ୍ୟକ୍ତି ଥିଲା । ଏହିପରି ଭାବରେ ପ୍ରତ୍ୟେକ ପ୍ରକାରର ଶ୍ରେଷ୍ଠତା ଅବିଶ୍ୱାସକାରୀମାନଙ୍କୁ ପ୍ରାପ୍ତ ହୋଇଗଲା । ଏପର୍ଯ୍ୟନ୍ତକି ପୁଣ୍ୟବାନ୍ ବ୍ୟକ୍ତି ହ. ମୁହମ୍ମଦ[ସ.ଅ]ଙ୍କର ଅଧିପତିଙ୍କ ପ୍ରତିବେଶୀଦ୍ୱ ଗ୍ରହଣ କଲା ।

**(ସିରରୁଲ୍ ଖିଲାଫାର ଅନୁବାଦକ, ପୃ-75-76)**

ହ. ମସିହ୍ ମଉଦ୍[ଅ.ସ] ପୁନଃ କୁହନ୍ତି, ସତ୍ୟ ଏହିକି ଯେ, ସତ୍ୟବାଦୀ ଖଲିଫା ହ. ଅବୁ ବକର ଓ ହ. ଉମର୍ ଫାରୁକ୍[ର.ଅ] ଉଭୟେ ବରିଷ୍ଠ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଉଭୟେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ କେବେ ହେଲେ ଅବହେଳା ପ୍ରଦର୍ଶନ କରି ନାହାନ୍ତି । ସେମାନେ ସର୍ବଦା ଧର୍ମ ପରାୟଣତାକୁ ନିଜର ସଦ୍‌ମାର୍ଗ ଅର୍ଥାତ ପରମ ଧର୍ମ ଏବଂ ନ୍ୟାୟପରାୟଣତାକୁ ନିଜର ପରମ ଲକ୍ଷ୍ୟ ରୂପେ ଗ୍ରହଣ କରି ନେଇଥିଲେ । ସେମାନେ ବିଷମ ଓ ଉତ୍କଟ ପରିସ୍ଥିତିର ଗଭୀର ଅନୁଧ୍ୟାନ ଏବଂ ସମୀକ୍ଷୀ କରୁଥଲେ ଏବଂ ଭେଦାଭେଦ ଘଟଣାର ଚୂଡ଼ାନ୍ତ ସ୍ତର ଓ ନିଷ୍କର୍ଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲେ । ସାଂସାରିକ ଆଶା ଓ ଅଭିଳାଷା ପ୍ରାପ୍ତି କଦାପି ସେମାନଙ୍କର ଉଦ୍ଦେଶ୍ୟ ନଥିଲା । ସେ ନିଜର ଜୀବନକୁ ଅଲ୍ଲାଃତାଲାଙ୍କ ଆଜ୍ଞାଧୀନ କରି ଦେଇଥିଲେ । ପ୍ରଚୁର କଲ୍ୟାଣ ଏବଂ ଉଭୟ ଲୋକ ଅର୍ଥାତ ମର୍ତ୍ତ୍ୟାଲୋକ ଏବଂ ବୈକୁଣ୍ଠ ଲୋକର ନବୀ ଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ] ଙ୍କ ଧର୍ମର ସମର୍ଥନରେ ଶୈଖୈନ୍ ଅର୍ଥାତ ହ. ଅବୁ ବକର ଓ ହ. ଉମର[ର.ଅ] ଙ୍କ ଛଡ଼ା ଆଉ କୌଣସି ବ୍ୟକ୍ତିକୁ ପାଇଲି ନାହିଁ । ଦୁହେଁ ଆଁହଜରତ[ସ.ଅ]ଙ୍କ ଦ୍ୱାରା ସ୍ଥାପିତ ସୂର୍ଯ୍ୟ ପରି ଜାଜ୍ୱଲ୍ୟମାନ ଇସ୍‌ଲାମ୍ ଧର୍ମ ଓ ଆଁହଜରତ[ସ.ଅ]ଙ୍କ ଆଜ୍ଞାଧୀନତାରେ ଚନ୍ଦ୍ରମାର କିରଣ ଠାରୁ ମଧ୍ୟ ଅଧିକ ଦ୍ରୁତ ଗତିରେ ଗତିଶୀଳ ଥିଲେ ଏବଂ ଆପଣ[ସ.ଅ]ଙ୍କ ପ୍ରେମରେ ନିଜକୁ ହଜାଇ ଦେଇଥିଲେ । ସେମାନେ ସତ୍ୟତା ପ୍ରାପ୍ତି ସକାଶେ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟକୁ ମିଷ୍ଟ ବୋଲି ମନେ କରୁଥିଲେ ଏବଂ ସେହି ନବୀ ଯାହାଙ୍କର କେହି ଦ୍ୱିତୀୟ ନାହାନ୍ତି ତାହାଙ୍କ ସକାଶେ ପ୍ରତ୍ୟେକ ପ୍ରକାରର ତିରସ୍କାରକୁ ଆନନ୍ଦ ସହକାରେ ସହ୍ୟ କରିନେଇଥିଲେ ଏବଂ ଅବିଶ୍ୱାସାକାରୀ ଏବଂ ପ୍ରତ୍ୟାଖ୍ୟାନକାରୀଙ୍କ ସୈନ୍ୟବାହିନୀ ସହିତ ମୁହାଁମୁହିଁ ସଂଘର୍ଷ ସମୟରେ ସିଂହ ପରି ଗର୍ଜନ ଓ ରଣ ହୁଂକାର କରି ସମ୍ମୁଖକୁ ଚାଲି ଆସିଲେ । ଏପର୍ଯ୍ୟନ୍ତ କି ଇସ୍‌ଲାମ୍ ଧର୍ମ ବିଜୟ ବିମଣ୍ଡିତ ହେଲା ଏବଂ ଶତ୍ରୁ ପକ୍ଷର ସମସ୍ତ ଲୋକମାନେ ପରାଜୟ ସ୍ୱୀକାର କଲେ । ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ସମସ୍ତ ବାଦଲ ହଟିଗଲା ଏବଂ ସେମାନଙ୍କର ମୂଳପୋଛ ହୋଇଗଲା । ଧର୍ମର ସୂର୍ଯ୍ୟ ପୁନଃ ଆଲୋକିତ ହୋଇ ଉଠିଲା ଏବଂ ଯଥୋଚିତ ଧର୍ମ ସେବା ସମ୍ପାଦନ କରି ମୁସଲମାନମାନଙ୍କର ବେକ ଉପକାର କରିଥିବା ବ୍ୟକ୍ତିଙ୍କ ଆଗରେ ଆନତ କରାଇ ସେହି ଦୁଇ ବ୍ୟକ୍ତିଙ୍କର ପରିଣାମ ନବୀଶ୍ରେଷ୍ଠ ହ. ମୁହମ୍ମଦ[ସ.ଅ]ଙ୍କ ପ୍ରତିବେଶୀଦ୍ୱରେ ଉପନୀତ ହେଲା ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି, **ଅଲ୍ଲାଃହୁ ଅକବର** (ଅଲ୍ଲାଃତାଲା ମହାନ ଅଟନ୍ତି) ! ଏହି ଉଭୟ ବ୍ୟକ୍ତିଙ୍କ (ଅବୁ ବକର[ର.ଅ] ଓ ଉମର[ର.ଅ]) ବ୍ୟକ୍ତିତ୍ୱର ପରାକାଷ୍ଠା, ସତ୍ୟବାଦୀତୀ, ନୈଷ୍ଠିକତାର ଓ ଅନନ୍ୟତାର ମର୍ଯ୍ୟାଦା ଅତି ଉଚ୍ଚରେ ଅବସ୍ଥିତ । ସେମାନଙ୍କ ସତ୍ୟତା ଏବଂ ନିଷ୍ଠାର ଯେଉଁ ମହାତ୍ମ୍ୟତା ରହିଛି, ଦୁହିଁଙ୍କୁ ଏଭଳି କବରରେ ସମାଧି ଦିଆଯାଇଥିଲା ଯେ, ଯଦି ଏମାନଙ୍କ କାଳରେ ହ. ମୁସା[ଅ.ସ] ଓ ହ. ଇସା[ଅ.ସ] ଜୀବିତ ଥାଆନ୍ତେ ତେବେ ସେମାନେ ମଧ୍ୟ ସେହି ସ୍ଥଳେ ସମାଧି ପାଇବା ନିମନ୍ତେ ଅବଶ୍ୟ ଏହାର ପ୍ରବଳ ଅଭିଳାଷୀ ହୋଇଥାଆନ୍ତେ। କିନ୍ତୁ ଏହି ମର୍ଯ୍ୟାଦା କେବଳ ଆଶା ଓ ଆକାଂକ୍ଷା ଦ୍ୱାରା ପ୍ରାପ୍ତ ହୋଇପାରିବ ନାହିଁ ଓ ନା ହିଁ କେବଳ ଅଭିଳାଷା ଦ୍ୱାରା ପ୍ରଦାନ କରାଯାଇପାରିବ । ବରଂ ଏହି ମର୍ଯ୍ୟାଦାଟି ପାଳନକର୍ତ୍ତା ତଥା ଈଶ୍ୱରଙ୍କ ନିକଟରୁ ଏକ ସାର୍ବକାଳୀକ ଦୟା ଏବଂ ଅନୁକମ୍ପା (ସଦୃଶ) ଅଟେ । ଖୁତ୍‌ବା ଶେଷରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକର[ର.ଅ]ଙ୍କ ଜୀବନୀ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ ।

☆ ☆ ☆

## ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜମାଅତ୍ ଅହେମଦିୟା ଗଡ଼ପଦା ଠାରେ ଜଲ୍‌ସା ସାଲାନର ସଫଳ ଆୟୋଜନ

ତା04-06-2023ରିଖ ଦିନ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜମାଅତ୍ ଅହେମଦିୟା ଗଡ଼ପଦା ଠାରେ ବାର୍ଷିକ ଜଲ୍‌ସା ସାଲାନାର ଆୟୋଜନ ହୋଇଥିଲା । ମେ ମାସ 4 ତାରିଖ ଦିନ ପ୍ରତ୍ୟୁଷରୁ ଗଡ଼ପଦାର ମସଜିଦ୍ ଠାରେ ନମାଜ ତେହଜ୍ଜୁଦ ବାଜମାଅତ୍ (ସାମୂହିକ) ପାଠ କରାଗଲା । ଉକ୍ତ ସାମୂହିକ

### ନବୀ ସ.ଅଙ୍କ ବାଣୀ:-

" ଅଲ୍ଲାଃତାଲାଙ୍କର ଖଡ଼ଗକୁ ହସ୍ତରେ ଧରି ରଖ ଏବଂ ତୁମ ମନରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଅଛନ୍ତି ଏବଂ ମନ ଭିତରେ ଏହି ବିଶ୍ୱାସ ଥିବା ଦରକାର ଯେ, ଅଲ୍ଲାଃତାଲା ଭକ୍ତର ପ୍ରାର୍ଥନାକୁ ଶୁଣିଥାନ୍ତି ।"

(ଅଷ୍ଟ୍ରେଲିୟାର ଖୁଦ୍ଦାମୁଲ୍ ଅହେମଦିୟା ସଦସ୍ୟବୃନ୍ଦଙ୍କ ଅନ୍ ଲାଇନ୍ ସାକ୍ଷାତକାର, 26 ଜୁନ୍ 2022)

ତାଲିବେ ଦୁଆ: Ziabuddin Khan & Family,
Jamat Ahmadiya (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

" ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi & Family,
Jamat Ahmadiya Kerang (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol.9 Thursday 06 JULY 2023 Issue No. 27

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ନମାଜରେ ଅତିଥିଙ୍କ ବ୍ୟତୀତ ସ୍ଥାନୀୟ ଜମାଅତ୍‌ର 35 ଜଣ ସଦସ୍ୟମାନେ ମଧ୍ୟ ସାମିଲ ହୋଇଥିଲେ । ନମାଜ ତେହଜ୍ଜୁଦ୍ ପରେ ଲୋକମାନେ ଫଜର ନମାଜ ପାଠ କଲେ । ଦରସ୍ ପରେ ବାଜମାଅତ୍ ତିଲୱତେ କୁରଆନ୍ କରୀମ୍‌ର ମଧ୍ୟ ଆୟୋଜନ କରାଯାଇଥିଲା । ମଧ୍ୟାହ୍ନ 1.30 ଘଟିକା ସମୟରେ ନମାଜ ଅସର ଓ ନମାଜ ଜୋହର ଜମା (ଏକତ୍ର କରି ପାଠ) କରାଗଲା । ଏତଦ୍‌ପରେ ଅତିଥିମାନଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ ହୋଇଥିଲା ।

ଉକ୍ତ ଜଲ୍‌ସାର ପ୍ରଥମ ଅଧିବେଶନର ତଥା କାର୍ଯ୍ୟକ୍ରମର ଶୁଭାରମ୍ଭ ସଭାପତି ସମ୍ମାନନୀୟ ନାସିର୍ ଅଲ୍ଲାମ ସାହେବ୍ ଜିଲ୍ଲାଇ ଅମୀର ସାହେବଙ୍କ ସଭାପତିତ୍ୱରେ ହୋଇଥିଲା । ଇତ୍ୟବସରରେ ତିଲାୱତ୍ କୁରଆନ୍ କରୀମ ସମ୍ମାନନୀୟ ମୌଲବୀ ନସୀର୍ ଅହେମଦ ଖାନ୍ ମୁବଲ୍ଲିଗ୍ ସିଲ୍‌ସିଲା ବାଲେଶ୍ୱର କରିଥିଲେ ଓ ଅନୁବାଦ ସମ୍ମାନନୀୟ କାଦିର୍ ସାହେବ ମୁଅଲ୍ଲିମ୍ ସିଲସିଲା ଉପସ୍ଥାପିତ କରିଥିଲେ । ଏତଦ୍‌ପରେ ଉର୍ଦ୍ଦୁ ନଜମ ଉପସ୍ଥାପିତ କରାଗଲା । ଏତଦ୍‌ପରେ ଇଜ୍‌ଲାସ୍‌ର ପ୍ରଥମ ଭାଷଣ ସମ୍ମାନନୀୟ ନୱେଦୁଲ୍ ଫତହ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଦାଇ ଖୁସୁସି, ଓଡ଼ିଶା ଦେଇଥିଲେ । ମହୋଦୟଙ୍କ ଭାଷଣର ବିଷୟବସ୍ତୁ ଥିଲା "**ହସ୍ତି ବାରି ତାଆଲା।**"

ଏତଦ୍‌ପରେ ଦ୍ୱିତୀୟ ଭାଷଣ ବାଲେଶ୍ୱରର ମୁବଲ୍ଲିଗ୍ ଇନ୍‌ଚାର୍ଜ ଦେଇଥିଲେ । ମହୋଦୟଙ୍କ ଭାଷଣର ବିଷୟବସ୍ତୁ ଥିଲା **ସିରତ୍ ଆଁହଜରତ ସ.ଅ କା ଗୈରୋଁ ସେ ହୁସ୍‌ନେ ସୁଲୁକ୍** । ଏତଦ୍‌ପରେ ଉର୍ଦ୍ଦୁ ନଜମ ଉପସ୍ଥାପିତ କରାଗଲା । ଏହାପରେ ଉକ୍ତ ଇଜ୍‌ଲାସର ଶେଷ ଭାଷଣ ସମ୍ମାନନୀୟ ଫଜ୍‌ଲେ ନଇମ୍ ସାହେବ ଦାଇ ଖୁସୁସି ଦାୱତ୍ ଇଲଲ୍ଲାଃ ଦେଇଥିଲେ । ମହୋଦୟଙ୍କ ଭାଷଣର ବିଷୟବସ୍ତୁ ଥିଲା, "**ଖତ୍‌ମେ ନବୁୱତ୍ କି ହକିକତ୍ ୱ ସଦାକତ୍ ହ. ମସିହ୍ ମଉଦ୍ ଅ.ସ** ।"

ଜଲସାର ଦ୍ୱିତୀୟ ଅଧିବେଶନ ଠିକ୍ ସନ୍ଧ୍ୟା 7.00 ଘଟିକାରେ ଆରମ୍ଭ ହେଲା। ଉକ୍ତ ଇଜ୍‌ଲାସର ସଭାପତିତ୍ୱ ସମ୍ମନନୀୟ ଜହୁରୁଦ୍ଦୀନ୍ ଖାନ୍ ସାହେବ, ସଦର ଜମାଅତ୍ ଅହେମଦିୟା ଓ ନାଏବ୍ ଅମୀର ଜମାଅତ୍ ଜିଲ୍ଲା ବେଲେଶ୍ୱର କରିଥିଲେ । ଜଲ୍‌ସାର ପ୍ରାରମ୍ଭ ତିଲାୱତ୍ କୁରଆନ୍ କରୀମ୍ ସହିତ ହୋଇଥିଲା । ତିଲାୱତ୍ ହାଫିଜ୍ ଗୁଲିସ୍ତାନ ଅହେମଦ ସାହେବ କରିଥିଲେ । ଓଡ଼ିଆ ଅନୁବାଦ ମକ୍‌ସୁଦ୍ ଅଲୀ ସାହେବ ଉପସ୍ଥାପିତ କରିଥିଲେ । ଏତଦ୍‌ପରେ ଓଡ଼ିଆ ଭାଷାରେ ନଜମ ଉପସ୍ଥାପିତ କରାଯାଇଥିଲା । ସମ୍ମାନନୀୟ ଇଂ ରୌଶନ୍ ଖାନ୍ ସାହେବ ଓଡ଼ିଆ ନଜମ ପଢିଥିଲେ ।

ଏତଦ୍‌ପରେ ଉକ୍ତ ଇଜ୍‌ଲାସର ପ୍ରଥମ ଭାଷଣ କଟକର ମୁବଲ୍ଲିଗ୍ ସିଲସିଲା ସମ୍ମାନନୀୟ ଫଜଲ୍ ହକ୍ ଖାନ୍ ସାହେବ ଓଡ଼ିଆ ଭାଷାରେ ଦେଇଥିଲେ । ସେହିପରି ଅତିରିକ୍ତ ଦୁଇଟି ଭାଷଣ ସ୍ଥାନୀୟ ଜମାଅତ୍‌ର ବକ୍ତାମାନେ ଦେଇଥିଲେ। ଏତଦ୍‌ଭିନ୍ନ ବାଲେଶ୍ୱର ଜିଲ୍ଲାର ସାଧାରଣ ସମ୍ପାଦକ ପ୍ରସନ୍ନ ପଟ୍ଟନାୟକ ସାହେବ, ଜଣେ ହିନ୍ଦୁ ପଣ୍ଡିତ, ସରପଞ୍ଚ ଓ ଅନ୍ୟ ଦୁଇ ଜଣ ରାଜନୀତିକ ଦଳର ନେତାମାନେ ତଥା ଅନ୍ୟାନ୍ୟ ପ୍ରମୁଖ ଅତିଥିମାନେ ମଧ୍ୟ ଭାଷଣ ଦେଇଥିଲେ ।

ଜଲ୍‌ସା ପ୍ରାୟ ରାତ୍ର 10.00 ଘଟିକାରେ ଦୁଆ ସହିତ ସମାପ୍ତ ହୋଇଥିଲା। ଉକ୍ତ ଜଲସାରେ ପ୍ରାୟ 700 ଜଣ ଲୋକଙ୍କର ଉପସ୍ଥିତି ରହିଥିଲା । ଉକ୍ତ ଜଲ୍‌ସା ସଂକ୍ରାନ୍ତରେ ବିଭିନ୍ନ ସମ୍ବାଦ ପତ୍ରରେ ମଧ୍ୟ ସମ୍ବାଦ ପ୍ରକାଶିତ ହୋଇଛି। ଅଲ୍ଲାଃତାଲାଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ, ଅଲ୍ଲାଃତାଲା ଉକ୍ତ ଜଲସାର ସୁଫଳ ଆମମାନଙ୍କୁ ପ୍ରଦାନ କରନ୍ତୁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହ. ମସିହ୍ ମଉଦ୍[ଅ.ସ]ଙ୍କ ସମୟରୁ ହିଁ ପ୍ରଚଳିତ । ଉକ୍ତ ଫଣ୍ଡର ଉଦ୍ଦେଶ୍ୟ ଏହା ରହିଥିଲା ଯେ, ଯେଉଁଠି ଖୁସି ଓ ଆନନ୍ଦ ଆବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାୱତ୍ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରିଥାଏ ଓ ଅନ୍ୟମାନଙ୍କୁ ଉପହାର ଭେଟି ମଧ୍ୟ ଦେଇଥାଏ, ସେଠି ସେହି ଖୁସି ସମୟରେ ଦାନ ଧର୍ମରେ ଆବଶ୍ୟକତାକୁ ମଧ୍ୟ ମନେରଖ। ଅହେମଦିମାନେ ତ' ବୈଅତରେ ଏହି ପ୍ରତିଜ୍ଞା କରିଥାଉ ଯେ, ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବୁ । ଅତଃ ପ୍ରତ୍ୟେକ ଅହେମଦିଙ୍କ ଠାରୁ ଏହି ଆଶା କରାଯାଉଅଛି କି ସେମାନେ ଖୁସି ଆନନ୍ଦ, ଉଲ୍ଲାସ ତଥା ଉତ୍ସବ ପର୍ବରେ ଧର୍ମର ଆବଶ୍ୟକତାକୁ ନିଶ୍ଚିନ୍ତ ରୂପେ ମନେରଖନ୍ତୁ ଉକ୍ତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସକାଶେ ହ. ମସିହ୍ ମଉଦ୍[ଅ.ସ]ଙ୍କ କାଳରେ ରୋଜଗାରକ୍ଷମ ଅହେମଦିମାନେ ମୁଣ୍ଡ ପିଛା ଏକ ଟଙ୍କା ଦେଉଥିଲେ । ଏହି ଏକ ଟଙ୍କା ସେ ସମୟରେ ବହୁତ ବଡ଼ ଅର୍ଥ ରାଶି ଥିଲା । ଯେହେତୁ ଆସନ୍ତା ବର୍ଷ ଇଦୁଲ୍ ଫିତର ଓ ଇଦୁଲ୍ ଅଜହା ପର୍ବ ପଡ଼ିବ ତେଣୁ ଆପଣମାନେ ନିଜ ନିଜର ସାମର୍ଥ୍ୟାନୁଯାୟୀ ସେହି ଇଦ୍ ଦିନ ଅଧିକରୁ ଅଧିକ ଅର୍ଥରାଶି ଉକ୍ତ ପାଣ୍ଠିରେ ପୈଠ କରନ୍ତୁ ଓ ପୁଣ୍ୟର ଅଧିକାରୀ ହୁଅନ୍ତୁ । ଇଦ୍ ଫଣ୍ଡକୁ ଇଦ୍ ପୂର୍ବରୁ ଯେକୌଣସି ସମୟରେ ପୈଠ କରାଯାଇ ପାରିବ । ଏହା ହଉଛି ମର୍କଜି ଚାନ୍ଦା, ଆଦା ହୋଇଥିବା ସମସ୍ତ ଅର୍ଥ ସଦର୍ ଅଞ୍ଜୁମନର ଖଜାନା (ରାଜକୋଷ)ରେ ଜମା ହେବା ଜରୁରୀ । ଉକ୍ତ ଅର୍ଥାତ ସ୍ଥାନୀୟ ଜମାଅତରେ ଖର୍ଚ୍ଚ କରିବାକୁ କଦାପି ଅନୁମତି ନାହିଁ ।

**(କାଏମ୍ ମକାମ୍ ବୈତୁଲ୍ ମାଲ୍ ଆମଦ୍, କାଦିଆନ୍)**

## ପବିତ୍ର କୁରଆନ ସମଗ୍ର ମାନବ ସମାଜ ନିମନ୍ତେ ଏକ ପରିପୂର୍ଣ୍ଣ ଗ୍ରନ୍ଥ

ପବିତ୍ର କୁରଆନ୍ କେବଳ ଆରବୀୟମାନଙ୍କୁ ସମ୍ବୋଧନ କରି କହେ ନାହିଁ ବରଂ ଏହା ସମସ୍ତ ମାନବ ସମାଜକୁ କହେ । ଏହା ଦିବ୍ୟ ବାର୍ତ୍ତାବହ ମୁହମ୍ମଦ୍[ସ.ଅ]ଙ୍କୁ ସମଗ୍ର ପୃଥିବୀର ବାର୍ତ୍ତାବହ ବୋଲି ଘୋଷଣା କରେ । ଏହା ନିଜକୁ ଅନ୍ତିମ ଧର୍ମ ବିଧାନ ବୋଲି ଦାବି କରେ । ମାନବ ସମାଜର ମାର୍ଗପ୍ରଦର୍ଶନ ନିମନ୍ତେ ଏହା ଏକ ପରିପୂର୍ଣ୍ଣ ଗ୍ରନ୍ଥ ।

ଏହା ହେଉଛି ଏକମାତ୍ର ପବିତ୍ର ଗ୍ରନ୍ଥ, ଯାହା ବାର୍ତ୍ତାବହଙ୍କ ଆଗମନର ପରମ୍ପରାକୁ ଏକ ସାର୍ବଜନିକ ଘଟଣା ବୋଲି ସ୍ୱୀକାର କରେ ଏବଂ ବାରମ୍ବାର ଘୋଷଣା କରେ ଯେ, ମାନବ ଇତିହାସରେ କେବେ ନା କେବେ ପୃଥିବୀରେ ବିଭିନ୍ନ ଜାତି ଓ ଦେଶର ଲୋକମାନେ ଦିବ୍ୟ ପ୍ରକଟନ ଲାଭ କରି ଆସୁଛନ୍ତି । ଏଣୁ ପବିତ୍ର କୁରଆନ୍ ଘୋଷଣା କରେ ଯେ, **ୱଇନ୍ ମିନ୍ ଉମ୍ମତିନ୍ ଖଲା ଫିହା ନଜିରା।** ଅର୍ଥାତ ଏପରି କୌଣସି ସଂପ୍ରଦାୟ ନାହିଁ ଯାହାଙ୍କ ନିକଟକୁ କୌଣସି ସଚେତକ ଆସି ନାହାନ୍ତି । (ଅଲ ଫାତିର୍-25)

ଏହିପରି ଭାବେ ପୁରତାନ ଓ ନୂତନ ସୁସମାଚାରରେ ଉଲ୍ଲେଖ ଥିବା ବାର୍ତ୍ତାବମାନଙ୍କ ମଧ୍ୟରେ ହିଁ ଯେ ବାର୍ତ୍ତାବହ ପଦ ସୀମିତ ଅଟେ । ପବିତ୍ର କୁରଆନ୍ ଏହି ମତବାଦକୁ ଅସ୍ୱୀକାର କରେ । ପବିତ୍ର କୁରଆନ୍ ଏପରି ଏକ ସାର୍ବଜନିକ ପ୍ରଭୁଙ୍କର ଭାବଧାରାକୁ ପ୍ରବର୍ତ୍ତିତ କରେ ଯେକି ସତ୍‌ଦୟାଳୁ ଓ ହିତସାଧାକ ତଥା ଯେକୌଣସି ଦେଶ ଓ ଜାତିର ହୁଅନ୍ତୁ ନା କାହିଁକି ସେ ବ୍ୟବହାରରେ ସକଳ ଜୀବଙ୍କ ପ୍ରତି ସମାନ ।

ଯେଉଁ ପ୍ରଭୁଙ୍କ ଭାଗ କରି ହେବା ନାହିଁକି କି ବହୁଗୁଣିତ କରିହେବ ନାହିଁ ସେହି ପ୍ରଭୁଙ୍କର ଏକତ୍ୱ ଉପରେ ଏହି ଗ୍ରନ୍ଥରେ ସର୍ବାଧିକ ଗୁରୁତ୍ୱାରୋପ କରାଯାଇଛି। ପ୍ରଭୁ ଓ ଅନ୍ୟ ସମସ୍ତ ପ୍ରକାରର ସ୍ଥିତି ମଧ୍ୟରେ କେବଳ ଏକମାତ୍ର ସଂପର୍କ ଅର୍ଥାତ ସ୍ରଷ୍ଟା ଓ ସୃଷ୍ଟିରୁ ସଂପର୍କକୁ ପବିତ୍ର କୁରଆନରେ ସ୍ୱୀକାର କରାଯାଇଛି । ଯେ କୌଣସି ପ୍ରକାର ହେଉ ନା କାହିଁକି ତାହାଙ୍କ ମଧ୍ୟରେ ଆଉ କାହାରି ଭାଗ ନାହିଁ। ତ୍ରିତ୍ୱବାଦର ଭାବଧାରାକୁ ପବିତ୍ର କୁରାଆନରେ ନିର୍ଦ୍ଦିଷ୍ଟ ଭାବରେ ଅସ୍ୱୀକାର କରାଯାଇଛି । ପ୍ରଭୁଙ୍କର ପ୍ରତି ବା ପତ୍ନୀ ନାହାନ୍ତି କି ସନ୍ତାନ ସନ୍ତତି ନାହାନ୍ତି । ଅର୍ଥାତ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି, କୁଲ୍ ହୁ ଅଲ୍ଲାଃହୁ ଆହଦ୍ ଅଲ୍ଲାଃହୁସ୍ ସମଦ୍ ଲମ ୟଲିଦ୍ ୱଲମ୍ ୟୁଲଦ୍ ୱଲମ୍ ୟକୁନ୍ ଲହୁ କୁଫୁଅନ୍ ଆହାଦ୍ । (ସୁରାଃ ଇଖଲାସ୍-2-5)

ଅବଶିଷ୍ଟାଂଶ ପରବର୍ତ୍ତୀ ଶୁମାରାରେ.......

☆ ☆ ☆

### ଅଲ୍ଲାଃତାଲାଙ୍କ ବାଣୀ

**"ୟା ଅୟୁହଲ୍ ଲଜିନା ଆମନୁ ଇତ୍ତକୁଲ୍ଲାଃ ୱ କୁନୁ ମାଆସ୍ ସାଦିକିନା"**

"ଅର୍ଥାତ ହେ ବିଶ୍ୱାସକାରୀଗଣ ! ଅଲ୍ଲାଃତାଲାଙ୍କୁ ଭୟ କରି ଧର୍ମପରାୟଣତ ଅବଲମ୍ବନ କର ଓ ସର୍ବଦା ସାଧୁ ଏବଂ ସତ୍ୟବାଦୀଙ୍କ ସହିତ ସାମିଲ ହୁଅ ।"

(ଅତତୌବା: 120)

ତାଲିବେ ଦୁଆ: Sk Shamim Ahmad Sultan Moin,
S/o- Subhan Dalabehera, Jamat Ahmadiyya
Karadapalli

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan